


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୭୦ ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୦୪.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.170 Bhubaneswar, Tuesday, March 04, 2025


# ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩/ ୨ : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁନିଟ୍-୫ସ୍ଥିତ ନିଜ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଛନ୍ତି। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଫେବ୍ରୁଆରି ୨୮ତାରିଖ ପୂର୍ବାହ୍ଣ ୧୧ଟାରୁ ଆରମ୍ଭ ହୋଇଥିଲା। ଆଜି ୪ ଜଣଙ୍କୁ ତତ୍କାଳ ଆର୍ଥିକ ସହାୟତା ଦିଆଯାଇଛି । ଲୋକଙ୍କ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି । ଦିନେ ଦୁଇଦିନ ଭିତରେ 'ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି'ରୁ ସେମାନଙ୍କୁ ଟଙ୍କା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି । ସହାୟତା ବାବଦକୁ ସେମାନଙ୍କୁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଗଲା ବୋଲି ଆଜି ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି । ୮୪ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି । ବଳକା ଅଭିଯୋଗ ସମାଧାନ ପ୍ରକ୍ରିୟାରେ ରହିଛି । ଛାତରୁ ପଡି ଗୁରୁତର ଆହତ ନିମାପଡ଼ାର ହେମନ୍ତ ସାହୁ ଏବଂ ମେରୁଦଣ୍ଡ ଜନିତ ସମସ୍ୟା ଭୋଗ କରୁଥିବା ନିରାକାରପୁରର ବିଚିତ୍ର ପାଇକରାୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ନିଜର ଅସୁବିଧା ସମ୍ପର୍କରେ ଜଣାଇଥିଲେ। ତୁରନ୍ତ ପଦକ୍ଷେପ ନେଇ ମୁଖ୍ୟମନ୍ତ୍ରୀ ଉଭୟଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି'ରୁ ୧ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଅନୁମୋଦନ କରିଛନ୍ତି।ଯେଉଁ ଅପରାଧିକ ମାମଲା ଆସୁଛି, ତାର ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି ସରକାର । ଯେଉଁମାନେ ଦୋଷୀ ସେମାନଙ୍କୁ ଜେଲକୁ ପଠାଯାଉଛି । କୋର୍ଟ ତାଙ୍କର ଦଣ୍ଡ ବିଧାନ କରିବେ । ଆମେ ବିଧାନସଭା ବନ୍ଦ କରି ପଳାଇବା ସରକାର ନୁହେଁ । ଆମ ସରକାର ହେଉଛି ଲୋକଙ୍କ ସରକାର । ବିରୋଧୀଙ୍କ କାମ ଅଭିଯୋଗ ଆଣିବା ଏବଂ ଆମେ ସବୁବେଳେ ସେମାନଙ୍କୁ ଉତ୍ତର ଦେବାକୁ ପ୍ରସ୍ତୁତ ଅଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ବିଜେପି ସରକାରକୁ 'ବିଜୁ' ବିକାର

## ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ନେଇ ସନ୍ଦେହ



ଭୁବନେଶ୍ୱର : ପଞ୍ଚାୟତିରାଜ ବ୍ୟବସ୍ଥାକୁ ବିଜୁ ପଟ୍ଟନାୟକଙ୍କ ଅନବଦ୍ୟ ଅବଦାନ ନିମନ୍ତେ ଦୀର୍ଘବର୍ଷ ହେଲା ଓଡ଼ିଶାରେ ତାଙ୍କ ଜନ୍ମ ଦିବସ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯାଉଛି । ମାତ୍ର ଚଳିତ ବର୍ଷ ମାର୍ଚ୍ଚ ୫ ତାରିଖରେ ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ପାଳନ କରିବେ କି ନାହିଁ ତାହାକୁ ନେଇ ବିଭିନ୍ନ ବ୍ଲକ୍ ଓ ପଞ୍ଚାୟତସ୍ତରରେ ସନ୍ଦେହ ସୃଷ୍ଟି ହୋଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳର ପଞ୍ଚାୟତିରାଜ ପ୍ରତିନିଧିମାନେ ଏହାକୁ ନେଇ ଏବେ ବି ସଂଶୟ ମଧ୍ୟରେ ରହିଛନ୍ତି । ଆଜି ସୋମବାର ପରେ ହାତରେ ମାତ୍ର ଆଉ ଗୋଟିଏ କାର୍ଯ୍ୟଦିବସ ରହିଛି । ମାତ୍ର ଏ ପର୍ଯ୍ୟନ୍ତ ପଞ୍ଚାୟତିରାଜ ବିଭାଗ ବା ରାଜ୍ୟ ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ କୌଣସି ପ୍ରସ୍ତୁତି ନ ହେବା, ଜିଲ୍ଲା ଓ ବ୍ଲକ୍ କର୍ତ୍ତୃପକ୍ଷଙ୍କୁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ପଠା ନ ଯିବା ଏହି ଆଶଙ୍କାକୁ ଦୃଢ଼ୀଭୂତ କରିଛି। ଏପରିକି ଏହି ଦିନ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିନ ପାଳନ ହେଉଥିବାରୁ ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳନ ନିମନ୍ତେ ସରକାର ଆଗ୍ରହୀ ନ ଥିବା ମଧ୍ୟ କୁହାଯାଉଛି। ଯଦିଓ ସରକାର ଏ ସମ୍ପର୍କରେ କୌଣସି ସ୍ପଷ୍ଟ ନିଷ୍ପତ୍ତି ନେଇନାହାନ୍ତି, କିଛି ପ୍ରଶାସନିକ ଅଧିକାରୀ ଏଥିପାଇଁ ଅବାଞ୍ଛିତ ତତ୍ପରତା ପ୍ରକାଶ କରୁଥିବା ସୂଚନା ମିଳିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ ହୋଇଥିଲା। ଏମିତି କି କ୍ଷମତା ବିକେନ୍ଦ୍ରୀକରଣ ସହ ମହିଳାମାନଙ୍କୁ କିପରି ଅଧିକ ନେତୃତ୍ୱ ଦିଆଯାଇପାରିବା ତାକୁ ଆଖି ଆଗରେ ରଖି ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ନିମନ୍ତେ ବିଜୁ ପଟ୍ଟନାୟକ ପଦକ୍ଷେପ ନେଇଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ବିଜୁ ବାବୁଙ୍କର ରହିଥିବା ଅବଦାନ ନିମନ୍ତେ ଦୀର୍ଘବର୍ଷ ହେଲା ବିଜୁ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ ହେଉଛି। ଏଥିପାଇଁ ପ୍ରତିବର୍ଷ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନିଜେ ଯୋଗ ଦେଇ ପଞ୍ଚାୟତସ୍ତରୀୟ ନେତୃବୃନ୍ଦଙ୍କୁ ସମ୍ବୋଧିତ କରୁଥିଲେ। ବ୍ଲକ୍? ଓ ପଞ୍ଚାୟତ ସ୍ତରରେ ମଧ୍ୟ କାର୍ଯ୍ୟକ୍ରମକୁ ଧୁମ୍‌ଧାମରେ ପାଳନ କରାଯାଉଥିଲା ଏବଂ ପରବର୍ତ୍ତୀ ସମୟରେ ଏହି ଦିନଟିକୁ ସରକାରୀ ଛୁଟି ଭାବେ ମଧ୍ୟ ବିବେଚନା କରାଯାଇ ଆସୁଛି। ମାତ୍ର ଚଳିତ ବର୍ଷ ପଞ୍ଚାୟତିରାଜ ଦିବସ ପାଳନ ନିମନ୍ତେ ସରକାର କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଓଡ଼ିଶାରେ ପଞ୍ଚାୟତିରାଜ ଦିବସ ପାଳନର ଢ଼େର ବର୍ଷ ପରେ ଦେଶରେ ୨୦୧୦ରୁ ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଛି। ବିଜେପି ଶାସିତ ରାଜ୍ୟଗୁଡ଼ିକ ମଧ୍ୟ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରୁଛନ୍ତି। ତେଣୁ ଅନ୍ୟ ରାଜ୍ୟ ପରି ଓଡ଼ିଶା ସରକାର ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ପାଳନ ନିମନ୍ତେ ପ୍ରସ୍ତୁତ ହେଉଛନ୍ତି । ଏ ସମ୍ପର୍କରେ ସରକାରଙ୍କ ଜଣେ ଉଚ୍ଚ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି ଯେ ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳନ ସଂକ୍ରାନ୍ତରେ ସରକାରୀସ୍ତରରେ ଏଯାଏ ଆଲୋଚନା ହୋଇ ନାହିଁ କିମ୍ବା କୌଣସି ପଞ୍ଚାୟତିରାଜ ସଂସ୍ଥାକୁ ଚିଠି କରାଯାଇ ନାହିଁ।

# ଜଗନ୍ନାଥଙ୍କୁ ଅପମାନ

## ବିଦେଶିନୀଙ୍କ ଜଂଘରେ ମହାପ୍ରଭୁଙ୍କ ଟାଟୁ

ଭୁବନେଶ୍ୱର,୩/୩: ଓଡ଼ିଆଙ୍କ ଧାର୍ମିକ ଭାବନାକୁ ପୁଣି ଆଘାତ। ବିଦେଶିନୀଙ୍କ ଜଂଘରେ ମହାପ୍ରଭୁ ଜଗନ୍ନାଥଙ୍କ ଟାଟୁକୁ ନେଇ ଦେଖାଦେଇଛି ଅସନ୍ତୋଷ। ଓଡ଼ିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଚିତ୍ରକୁ ଶରୀରର ଏଭଳି ସ୍ଥାନରେ ଟାଟୁ କରିବାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ଗତକାଲି ସହିଦ ନଗର ଥାନାରେ ଲିଖିତ ଅଭିଯୋଗ କରିଛି ହିନ୍ଦୁ ସେନା। ପୋଲିସ ଟାଟୁ ସେଣ୍ଟରର ମାଲିକଙ୍କୁ ଆଜି ପଚରାଉଚରା କରାଯିବ। କେଉଁ ଭଳି ପରିସ୍ଥିତିରେ ଟାଟୁ ସେଣ୍ଟର ମାଲିକ ଟାଟୁ କଲେ ? କାହିଁକି ଟାଟୁ କରିବା ପାଇଁ ମନା କଲେନି ଏଭଳି ଗୁଡ଼େଇ ତୁଡ଼େଇ ଅନେକ ପ୍ରଶ୍ନ ପଚାରିବ ପୁଲିସ। ଏଥିସହ ଘଟଣାର ଖୋଳତାଡ କରିବ। ସୂଚନା ମୁତାବକ, ଭୁବନେଶ୍ୱରର ଏକ ଟାଟୁ ସେଣ୍ଟରରେ ଏଭଳି ଟାଟୁ କରାଇଥିଲେ ଜଣେ ବିଦେଶୀ ମହିଳା। ନିଜ ସୋସାଲ ମିଡିଆ ଆକାଉଣ୍ଟରେ ମହିଳା ଜଣକ ଏହାକୁ ଅପଲୋଡ୍ କରିବା ପରେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି। ହିନ୍ଦୁ ସେନାର କର୍ମକର୍ତ୍ତା କହିଛନ୍ତି, ଜଣେ ବିଦେଶିନୀ ଜଂଘରେ ଓଡ଼ିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଙ୍କ ଚିତ୍ର କରିଛନ୍ତି। ଏହାକୁ ଆମେ ବିରୋଧ କରୁଛୁ। ଏନେଇ ଥାନାରେ ଅଭିଯୋଗ ମଧ୍ୟ କରାଯାଇଛି।

# ଏପ୍ରିଲରୁ ପାର୍ଟ ପ୍ଲଟ ପଞ୍ଜୀକରଣ

ଭୁବନେଶ୍ୱର,୩/୩: ରାଜସ୍ୱ ମନ୍ତ୍ରୀ ଦେଲେ ବଡ଼ ଅପଡେଟ୍। ରାଜ୍ୟରେ ଏପ୍ରିଲରୁ ଆରମ୍ଭ ହେବ ପାର୍ଟ ପ୍ଲଟ୍ ପଞ୍ଜୀକରଣ। ଏନେଇ ରାଜସ୍ୱ ବିଭାଗକୁ ଡ୍ରାଫ୍ଟ ଦେଇଛି ନଗର ଉନ୍ନୟନ ବିଭାଗ। ମାର୍ଚ୍ଚ ସୁଦ୍ଧା ବିଚାର ବିମର୍ଶ କରି ଏପ୍ରିଲରୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପାର୍ଟ ପ୍ଲଟ୍ ବିକ୍ରି ସମସ୍ୟା ଯୋଗୁ ରାଜସ୍ୱ ହାନି ହେଉଛି। କିପରି ପାର୍ଟ ବିକ୍ରି ହେବ ଓ କିପରି ନୂଆ ଗାଇଡଲାଇନ ହୋଇପାରିବ ରାଜସ୍ୱ ବିଭାଗ ସେ ନେଇ ତତ୍ପରତା ପ୍ରକାଶ କରିଛି। ଗାଇଡଲାଇନ ଫଳରେ ପ୍ଲଟିଂରେ ପ୍ଲଟ୍ କିଣୁଥିବା ଲୋକେ ରାସ୍ତା ଓ ଆନୁଷଙ୍ଗିକ ସୁବିଧା ମଧ୍ୟ ପାଇପାରିବେ। ଯେଉଁଟା ଅତୀତରେ ନଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଓଏସଡି ହେଲେ କୌଶିକ ପଟ୍ଟନାୟକ

ଭୁବନେଶ୍ୱର, ୩/ ୨ : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଓଏସଡି ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ପୂର୍ବରୁ କେନ୍ଦୁଝର ବାଂଶପାଳ ତହସିଲଦାର ଭାବେ କାର୍ଯ୍ୟ କରୁଥିବା ଓଏଏସ ଅଫିସର କୌଶିକ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଓଏସଡି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । ୧୮ ଜଣ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଅଧିକାରୀଙ୍କୁ ନୂତନ ନିଯୁକ୍ତି ସହିତ ବଦଳି କରାଯାଇଛି ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚନା ଦିଆଯାଇଛି।ସୋମବାର ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଓଏଏସ୍ ଅଧିକାରୀ କୌଶିକ ପଟ୍ଟନାୟକଙ୍କୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ୱତନ୍ତ୍ର ଡ୍ୟୁଟି ଅଧିକାରୀ (ଓଏସଡି) ଭାବରେ ନିଯୁକ୍ତି ଦିଆଯାଇଛି।

# ଦିପାଳିଙ୍କୁ ବିଜେଡ଼ି ପ୍ରେସର୍

ଭୁବନେଶ୍ୱର, ୩/୩: ଦୀପାଳି ଦାସଙ୍କ ଉପରେ ଚାପ ସୃଷ୍ଟି କରୁଛି ବିଜେଡି। ସିବିଆଇ ତଦନ୍ତ ପାଇଁ ନବଙ୍କ ପରିବାର ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣେଇଲେ ବିଜେଡିର ଦୁଇଟି ବଡ଼ ମୁଣ୍ଡ ପୁରା ଘଟଣାରେ ଫସିଯିବେ। ସେମାନେ ଜେଲକୁ ଯିବେ । ସେଥିପାଇଁ ଦୀପାଳିଙ୍କ ଉପରେ ବିଜେଡିର ଚାପ ବଢ଼ିଛି। ସିବିଆଇ ତଦନ୍ତ ପାଇଁ ଲିଖିତ ଭାବେ ରାଜ୍ୟ ସରକାରଙ୍କୁ ଦେବା ଲାଗି ମନା କରିଛି ବିଜେଡି । ଏଭଳି ବୟାନ ଦେଇଛନ୍ତି ବିଜେପିର ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ । ଯାହାକୁ ନେଇ ପୁଣି ଥରେ ତେଜିଛି ନବହତ୍ୟା ରାଜନୀତି । ଯଦି ପ୍ରକୃତରେ ନବ ଦାସଙ୍କ ପରିବାର ହତ୍ୟାକାଣ୍ଡର ରହସ୍ୟ ବିଷୟରେ ଜାଣିବାକୁ ଚାହୁଁଛନ୍ତି ସେମାନେ ତୁରନ୍ତ ଲିଖିତ ଭାବେ ରାଜ୍ୟ ସରକାରଙ୍କୁ ଜଣାନ୍ତୁ। ଯେବେ ବି ଦୀପାଳି କିଛି କହୁଛନ୍ତି ବିଜେଡି ନେତାମାନେ ବସିକି ତାଙ୍କ ଉପରେ ଚାପ ସୃଷ୍ଟି କରୁଛନ୍ତି। ସମ୍ପୂର୍ଣ୍ଣ ଭାବେ



ଚାପଗ୍ରସ୍ତ ଥିବା କାରଣରୁ ନବଙ୍କ ପରିବାର କୌଣସି ପ୍ରକାର ନିଷ୍ପତ୍ତି ନେଇ ପାରୁ ନାହାନ୍ତି । ବିଜେଡି ନବଙ୍କ ପରିବାର ଉପରେ ଭାରି ହୋଇ ପଡ଼ିଛି ।ଖାଲି ଏତିକି ନୁହେଁ ବରଂ ଯଦି ପ୍ରକୃତରେ ନବ ଦାସଙ୍କ ପରିବାର ହତ୍ୟାକାଣ୍ଡର ରହସ୍ୟ ବିଷୟରେ ଜାଣିବାକୁ ଚାହୁଁଛନ୍ତି ସେମାନେ ତୁରନ୍ତ ଲିଖିତ ଭାବେ ରାଜ୍ୟ ସରକାରଙ୍କୁ ଜଣାନ୍ତୁ। ଯେବେ ବି ଦୀପାଳି କିଛି କହୁଛନ୍ତି ବିଜେଡି ନେତାମାନେ ବସିକି ତାଙ୍କ ଉପରେ ଚାପ ସୃଷ୍ଟି କରୁଛନ୍ତି। ସମ୍ପୂର୍ଣ୍ଣ ଭାବେ ଚାପଗ୍ରସ୍ତ ଥିବା କାରଣରୁ ନବଙ୍କ ପରିବାର କୌଣସି ପ୍ରକାର ନିଷ୍ପତ୍ତି ନେଇ ପାରୁ ନାହାନ୍ତି । ବିଜେଡି ନବଙ୍କ ପରିବାର ଉପରେ ଭାରି ହୋଇ ପଡ଼ିଛି । ନୂଆ ସରକାର ସେଥିପାଇଁ କ୍ରାଇମବ୍ରାଞ୍ଚ ଜରିଆରେ ନବଙ୍କ ପରିବାରଙ୍କୁ ତଦନ୍ତ ନେଇ ଆପତ୍ତି ଅଭିଯୋଗ କି ଦେବାକୁ କହିଛନ୍ତି । ପୂର୍ବରୁ କ୍ରାଇମବ୍ରାଞ୍ଚ ତଦନ୍ତକୁ ଦିଶାହୀନ କରି ଫାଇଲ କ୍ଲୋଜ କରି ରଖିଛି । ନବଙ୍କ ପରିବାର ଯଦି କିଛି ଆପତ୍ତି ଅଭିଯୋଗ କି ଅଧିକ ତଥ୍ୟ ନଦେବେ ନବଙ୍କ ଫାଇଲ କ୍ଲୋଜ ହୋଇ ଯାଇପାରେ । ତେଣୁ ନବଙ୍କ ପରିବାର ତୁରନ୍ତ ସିବିଆଇ ତଦନ୍ତ ପାଇଁ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାନ୍ତୁ ବୋଲି ପ୍ରଦୀପ ପୁରୋହିତ କହିଛନ୍ତି । ଏହାସହ ସେ ଆହୁରି ମଧ୍ୟ କହିଛନ୍ତି, ବିଜେପି ସରକାର ଚାହୁଁଛି ନବ ଦାସଙ୍କ ହତ୍ୟାକାଣ୍ଡର ପୁଙ୍ଖାନୁପୁଙ୍ଖ ତଦନ୍ତ ହେଉ । ସେଥିପାଇଁ କ୍ରାଇମବ୍ରାଞ୍ଚ ଦୀପାଳି ଓ ବିଶାଳଙ୍କୁ ନୋଟିସ ଦେଇଛି । ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ କୁହା ଯାଇଥିଲା ସିବିଆଇ ତଦନ୍ତ ପାଇଁ ପରିବାର ପକ୍ଷରୁ ଲିଖିତ ଭାବେ ଦିଆଯାଉ । ମୋଟ୍ ? ଉପରେ ପ୍ରଦୀପ ନବ ଦାସଙ୍କ ମାମଲାରେ ଯେଉଁ ବୟାନ ଦେଇଛନ୍ତି ତାହାକୁ ନେଇ ଜୋରଦାର ଚର୍ଚ୍ଚା ଚାଲିଛି ।

# ଚନ୍ଦ୍ରରେ ଓହ୍ଲାଇଲା 'ନୀଳ ଭୂତ'



କେପ୍ କାନାଭେରାଲ,୩/୩: ନୀଳ ଭୂତ ବା ବ୍ଲୁ ଗୋଷ୍ଟ ଯେତେବେଳେ ପ୍ରଥମ ଥର ପାଇଁ ଚନ୍ଦ୍ରରେ ପାଦ ରଖିଲା ସେତେବେଳେ ସାରା ବିଶ୍ୱ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ଆଶ୍ଚର୍ଯ୍ୟ ହୁଅନ୍ତୁ ନାହିଁ, ଏହା କୌଣସି ଭୂତ ପ୍ରେତ ନୁହେଁ । ଆମେରିକାର ଏକ ଘରୋଇ କମ୍ପାନି ଦ୍ୱାରା ବିକଶିତ ଏକ ମହାକାଶ ଯାନର ନାମ । ଘରୋଇ କମ୍ପାନି ରବିବାର ଏହାର ମହାକାଶଯାନକୁ ଚନ୍ଦ୍ରରେ ଅବତରଣ କରିଥିଲା। ମହାକାଶ ଏଜେନ୍ସି ନାସା ପାଇଁ ଏହା କରାଯାଇଛି। ଟେକ୍ସାସସ୍ଥିତ କମ୍ପାନି ଫାୟାରଫ୍ଲାଇ ଏରୋସ୍ପେସ୍ ଏହି ମହାକାଶଯାନକୁ ବିକଶିତ କରିଛି। ପୂର୍ବରୁ ଭାରତ ସମେତ ବିଭିନ୍ନ ଦେଶର ମହାକାଶ ଏଜେନ୍ସି ନିଜ ନିଜର ଲାଣ୍ଡର ଚନ୍ଦ୍ର ପୃଷ୍ଠରେ ଅବତରଣ କରିଥିଲେ ବି ପ୍ରଥମ ଥର ପାଇଁ କୌଣସି ଘରୋଇ କମ୍ପାନି ଏପରି ସଫଳତା ହାସଲ କରିଛି ।ସୂଚନାଯୋଗ୍ୟ, ଫାୟାରଫ୍ଲାଇ ଏରୋସ୍ପେସର 'ବ୍ଲୁ ଘୋଷ୍ଟ' ଲ୍ୟାଣ୍ଡର ଚନ୍ଦ୍ରର କକ୍ଷପଥରୁ ସ୍ୱୟଂଚାଳିତ ଭାବେ ଅବତରଣ କରି ଚନ୍ଦ୍ରର ଉତ୍ତର-ପୂର୍ବ ଦିଗରେ ଥିବା ପ୍ରଭାବ ଅବବାହିକାରେ ଅବସ୍ଥିତ ଏକ ପ୍ରାଚୀନ ଆଗ୍ନେୟଗିରିର ଅବବାହିକାରେ ପହଞ୍ଚିବା ଲକ୍ଷ୍ୟ ରଖିଥିଲା। କମ୍ପାନିର ମିସନ କଣ୍ଟ୍ରୋଲ ରିପୋର୍ଟ ଅନୁଯାୟୀ, ଆମେ ଚନ୍ଦ୍ରରେ ଅଛୁ। ଏଥିରେ ଏହା ମଧ୍ୟ କୁହାଯାଇଛି ଯେ ଲ୍ୟାଣ୍ଡରର ସ୍ଥିତି ସ୍ଥିର ରହିଛି। ଟେକ୍ସାସସ୍ଥିତ କମ୍ପାନି ଫାୟାରଫ୍ଲାଇ ଏରୋସ୍ପେସ୍ ଏହି ମହାକାଶଯାନକୁ ବିକଶିତ କରିଛି। ପୂର୍ବରୁ ଭାରତ ସମେତ ବିଭିନ୍ନ ଦେଶର ମହାକାଶ ଏଜେନ୍ସି ନିଜ ନିଜର ଲାଣ୍ଡର ଚନ୍ଦ୍ର ପୃଷ୍ଠରେ ଅବତରଣ କରିଥିଲେ ବି ପ୍ରଥମ ଥର ପାଇଁ କୌଣସି ଘରୋଇ କମ୍ପାନି ଏପରି ସଫଳତା ହାସଲ କରିଛି ।

# କେତେ ଭୟଙ୍କର ରାଜଧାନୀ ରାସ୍ତା

## ୩ ମାସରେ ଯାଇଛି ୭୩ ଜୀବନ

ଭୁବନେଶ୍ୱର, ୩/୩: ରାଜଧାନୀରେ ପ୍ରତିଦିନ କେଉଁଠି ନା କେଉଁଠି ଦୁର୍ଘଟଣା ଘଟୁଛି। କେଉଁଠି ଜୀବନ ଚାଲିଯାଉଛି ତ ଆଉ କେଉଁଠି ଦୁର୍ଘଟଣାର ଶିକାର ବ୍ୟକ୍ତି ଅକର୍ମଣ୍ୟ ହୋଇ ପଡୁଛନ୍ତି। ସ୍ଥିତି ଏମିତି ଯେ ଗତ ୩ ମାସ ଭିତରେ ୭୩ରୁ ଊର୍ଦ୍ଧ୍ୱ ଅମୂଲ୍ୟ ଜୀବନ ଅକାଳରେ ଝଡ଼ିପଡ଼ିଛି। ଏହି ଅବଧି ଭିତରେ ଘଟିଥିବା ୨୪୮ ଦୁର୍ଘଟଣାରେ ୮୭ ଜଣ ଗୁରୁତର ହୋଇଛନ୍ତି ଏବଂ ୧୧୩ ଜଣ ଆହତ ହୋଇଛନ୍ତି। ଡିସେମ୍ବର ମାସରେ ସର୍ବାଧିକ ୯୯ଟି ଦୁର୍ଘଟଣା ଘଟିଥିବାବେଳେ ୨୮ ଜଣଙ୍କର ମୃତ୍ୟୁ ହୋଇଛି। ସେହିଭଳି ଜାନୁଆରିରେ ଘଟିଥିବା ୭୯ ଦୁର୍ଘଟଣାରେ ୨୧ ଜଣ ଓ ଫେବ୍ରୁଆରିରେ ୭୦ଟି ଦୁର୍ଘଟଣାରେ ୨୪ ଜଣଙ୍କ ମୃତ୍ୟୁ ଘଟିଛି। ରାଜଧାନୀର ଏହି ଉଦ୍‌ବେଗଜନକ ଚିତ୍ର ବୟାନ କରୁଛି, ରାଜଧାନୀ ରାସ୍ତା କେତେ ଭୟଙ୍କର ଓ ଦୁର୍ଘଟଣାପ୍ରବଣ। ରାଜଧାନୀ ଦେଇ ଯାଇଥିବା ଜାତୀୟ ରାଜପଥ ସବୁଠୁ ଅଧିକ ଦୁର୍ଘଟଣାପ୍ରବଣ। ସହର ଭିତର ରାସ୍ତା ବି କିଛି କମ୍ ନୁହେଁ। ତେଣୁ ଥରେ ଘରୁ ଗୋଡ଼ କାଢ଼ି ଘରକୁ ନ ଫେରିବା ପର୍ଯ୍ୟନ୍ତ ପରିବାର ଲୋକ ଶାନ୍ତିରେ ନିଶ୍ୱାସ ନେଇ ପାରୁନାହାନ୍ତି। ଉଦ୍‌ବେଗର କଥା ହେଉଛି, ବ୍ଲାକ୍‌ସ୍ପଟ୍ ଚିହ୍ନଟ କେବଳ ପ୍ରହସନ ପାଲଟିଛି। ରାଜଧାନୀରେ ୨୯ଟି ବ୍ଲାକ୍‌ସ୍ପଟ୍ ଚିହ୍ନଟ ହୋଇଛି। ଏହା ପରେ ବି ସେସବୁ ଜାଗାରେ ଅଧିକାଂଶ ଦୁର୍ଘଟଣା ଘଟୁଛି। ଦୁର୍ଘଟଣାପ୍ରବଣ ଅଞ୍ଚଳକୁ ବ୍ଲାକ୍‌ସ୍ପଟ୍ ଭାବେ ଚିହ୍ନଟ କରି ସେଠାରେ କେବଳ ସୂଚନା ଫଳକଟିଏ ଲଗାଇ ଦିଆଯାଉଛି। ବାସ୍ ସେତିକିରେ କାମ ଶେଷ। କିନ୍ତୁ ଯେଉଁସବୁ କାରଣ ପାଇଁ ସେଠାରେ ଦୁର୍ଘଟଣା ଘଟୁଥିଲା ବା ଘଟୁଛି, ତାହାର ନିରାକରଣ ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଦୁର୍ଘଟଣା ମୃତ୍ୟୁ ଚିନ୍ତାଜନକ ହେବାରୁ ଏହାର କାରଣ ଖୋଜିବା ପାଇଁ ବିଭିନ୍ନ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଗଲା। ସର୍ଭେ ରିପୋର୍ଟରେ ଦର୍ଶାଗଲା ଯେ ଅଧିକାଂଶ ସ୍ଥାନରେ ରୋଡ୍ ଇଂଜିନିୟରଂ ବା ଡିଜାଇନ୍‌ରେ ସମସ୍ୟା ରହିଛି। ରାଜଧାନୀର ଗଙ୍ଗପଡ଼ା ଛକ ଜାତୀୟ ରାଜପଥଠାରୁ ଆରମ୍ଭ କରି ବାଟଭୁଆସୁଣି, ପିତାପଲ୍ଲୀ, ବରମୁଣ୍ଡା ଓଭରବ୍ରିଜ୍ ଉପର, ରମାମଣି ପେଟ୍ରୋଲ୍ ପମ୍ପ ସମ୍ମୁଖ, ଖଣ୍ଡଗିରି ଛକ, କୋଳଥିଆ, ଆଇଗିଣିଆ, ପାତ୍ରପଡ଼ା, ଗୋହିରା, କଳିଙ୍ଗବିହାର, ତମାଣ୍ଡୋ ଓଭରବ୍ରିଜ୍, ଗାନ୍ଧୀ ମାର୍କେଟ୍ ଛକ, ହଂସପାଳ, ପଳାସୁଣୀ, ସତ୍‌ସଙ୍ଗ ବିହାର, ଆଚାର୍ଯ୍ୟବିହାର, ବାଣୀବିହାର, ଜୟଦେବବିହାର, ଓଗାଳପଡ଼ା ଓଭରବ୍ରିଜ୍, ନାଲ୍‌କୋ, ଉତ୍କଳ ହସ୍ପିଟାଲ୍, ଟଙ୍କପାଣି ସାଇମନ୍ଦିର ରୋଡ୍, ରଘୁନାଥପୁର, ରବି ଟକିଜ୍ ଛକ ଭଳି ୨୯ଟି ସ୍ଥାନକୁ ବ୍ଲାକ୍‌ସ୍ପଟ୍ ଭାବେ ଚିହ୍ନଟ କରାଯାଇଛି। ଏଥିପାଇଁ ସେଠାରେ ରୋଡ୍ ଡିଜାଇନ୍‌କୁ ବଦଳାଇବା କଥା। କିନ୍ତୁ ତାହା ହୋଇ ପାରିଲା ନାହିଁ। ଫଳରେ ସେଠାରେ ପୂର୍ବରୁ ଯେମିତି ଦୁର୍ଘଟଣା ଘଟୁଥିଲା, ବର୍ତ୍ତମାନ ଅଧିକ ଦୁର୍ଘଟଣା ଘଟୁଛି ଏବଂ ଲୋକଙ୍କ ଜୀବନ ଯାଉଛି। ସେହିପରି ଭାରୀଯାନଗୁଡ଼ିକର ବେପରୁଆ ଓ ଦ୍ରୁତଗତି ଯୋଗୁ ଜାତୀୟ ରାଜପଥ ଓ ସହର ଭିତରେ ରୀତିମତ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥରେ ପଳାସୁଣୀରୁ ଆରମ୍ଭ କରି ଗଙ୍ଗପଡ଼ା ପର୍ଯ୍ୟନ୍ତ ଓ ସହର ଭିତରେ ଜୟଦେବବିହାର ନନ୍ଦନକାନନ ରାସ୍ତାରେ ଭାରୀଯାନଗୁଡ଼ିକ ଦ୍ରୁତବେଗରେ ଚଳାଚଳ କରୁଛନ୍ତି। ସେମାନଙ୍କ ଉପରେ କାହାର ନିୟନ୍ତ୍ରଣ ନାହିଁ। ରାତିରେ ଏହି ସବୁ ରାସ୍ତାରେ ଭାରୀଯାନମାନଙ୍କ ଗତି ଉପରେ ନଜର ରଖିବାକୁ କୌଣସି ବିଭାଗର ଉତ୍ତରଦାୟିତ୍ୱ ରହୁନଥିବା ଅଭିଯୋଗ ହେଉଛି। ଦିନ ବେଳା




ଟ୍ରାଫିକ୍ ପୁଲିସ ଜରିମାନା ଆଦାୟରେ ବ୍ୟସ୍ତ ରହୁଥିବା ବେଳେ ରାତିରେ ଭାରୀଯାନମାନଙ୍କୁ ମୁକୁଳା ଛାଡ଼ି ଦିଆଯାଉଛି। ସ୍ମାର୍ଟ ସିଟିରେ ସ୍ୱୟଂଚାଳିତ ଟ୍ରାଫିକ୍ ବ୍ୟବସ୍ଥା ରହିଥିଲେ ବି କୌଣସି ଗୋଟିଏ ଟ୍ରାଫିକ୍‌ରେ ଏହାକୁ ଠିକ୍ ଭାବେ ଲାଗୁ କରାଯାଇ ନାହିଁ। ଯାହାଦ୍ୱାରା ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାଛଡ଼ା ମଦ୍ୟପ ଚାଳକଙ୍କ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ବିଭିନ୍ନ ସର୍ଭେରୁ ଜଣାପଡ଼ିଛି। ଗତ ୩ମାସର ଦୁର୍ଘଟଣା ମଧ୍ୟରୁ ଅଧିକାଂଶ ବ୍ଲାକ୍‌ସ୍ପଟ୍ ଅଞ୍ଚଳରେ ହିଁ ଘଟିଛି। ତେଣୁ ପୁଲିସ ଓ ପରିବହନ ବିଭାଗ ଏ ଦିଗରେ ଅଧିକ ଚିନ୍ତା ପ୍ରକଟ କରିବା କଥା। କିନ୍ତୁ ସ୍ଥିତି କହୁଛି ଉଭୟ ବିଭାଗର ନିଘା ନାହିଁ। ଆଉ କେତେ ଜୀବନ ଗଲେ, କେତେ ଲୋକ ବିକଳାଙ୍ଗ ଓ ଅକର୍ମଣ୍ୟ ହେଲେ ସରକାର ଚେତିବେ, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ।

# ଏସଭିଏମରେ କର୍ମଚାରୀଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଦାମନଯୋଡି, : ଦାମନଯୋଡି ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ଅବସର ନେଇଥିବା ଜଗୁଆଳୀ ଶ୍ରୀ ରଘୁନାଥ ଗଉଡଙ୍କୁ ବିଦ୍ୟାଳୟ ତରଫରୁ ଏକ ବର୍ଣ୍ଣାଢ୍ୟ ସମାରୋହରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ବୈଠକ ହଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପରିଚାଳନା କମିଟିର ସଂପାଦକ ଡକ୍ଟର ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ରଘୁନାଥ ଗଉଡଙ୍କ ଦୀର୍ଘ ବତିଶି ବର୍ଷର ନିଷ୍ଠାପର କାର୍ଯ୍ୟ,କର୍ତ୍ତବ୍ୟବୋଧ ଓ ସରଳତାର ପ୍ରଶଂସା କରିଥିଲେ ।ସମ୍ମାନିତ ଅତିଥି ଭାବରେ ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର ଯୋଗଦେଇଥିଲେ । ଅଧକ୍ଷ ପ୍ରଦୀପ କୁମାର ଜଗତୀ ସଭାରେ ଅଧକ୍ଷତା କରିଥିଲେ ।ଶେଷରେ ରଘୁନାଥ ଗଉଡ ଓ ତାଙ୍କ ପତ୍ନୀ କୌଶଲ୍ୟା ଗଉଡଙ୍କୁ ଉପଢୌକନ, ଭଗବତ ଗୀତା ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା ।ଏଥିସହିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ଉପହାର ଦିଆ ଯାଇଥିଲା ।ଶିକ୍ଷୟିତ୍ରୀ ଡକ୍ଟର ସ୍ୱାତୀ ଚାଟାର୍ଜୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।ସଂଗୀତ ଶିକ୍ଷକ ଶ୍ରୀଯୁକ୍ତ ବୃନ୍ଦାବନ ଖଣ୍ଡୁଆଳ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ।ରବିନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।ନିରୋଦ କୁମାର ପ୍ରଧାନ ,କିରଣ ସାହୁ,ଚନ୍ଦ୍ର ଶେଖର ଦ୍ୱିବେଦୀ,ଡକ୍ଟର ନରେଶ ଚନ୍ଦ୍ର ସାହୁ,ମମତା ମିଶ୍ର, ଡାଳିମ୍ବ ଇରିଂଗାଇ,ଡାଳିମ୍ବ ଖରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ନବରଙ୍ଗପୁର ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର




ଉମରକୋଟ ନବରଙ୍ଗପୁର ଓ ଉମରକୋଟ ପୋଲିସର ମିଳିତ ଆନୁକୁଲ୍ୟରେ ଉମରକୋଟ ବ୍ଲକ କୁର୍ଶି ପଞ୍ଚାୟତର ପଦମଝରି ଗ୍ରାମରେ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିର ପ୍ରାରମ୍ଭରେ ଗ୍ରାମବାସୀଙ୍କ ଦ୍ୱାରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡାଙ୍କୁ ପାରମ୍ପରିକ ଭାବେ ସ୍ୱାଗତ କରି ସଭାସ୍ଥଳକୁ ପାଛୋଟି ନେଇ ଯାଇଥିଲେ । ମୁଖ୍ୟ ଅତିଥି ଭଲିବଲ ଓ କ୍ରିକେଟ ମ୍ୟାଚ ଉଦଘାଟନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଗୀତ, ନାଚ ଓ ଗ୍ରାମବାସୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା । ଏହି ଅବସରରେ ଆଜିର କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ସହ ଉମରକୋଟ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ କୁମାର ଶବର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସତ୍ୟ ରଞ୍ଜନ ପାଲ, ଉମରକୋଟ ଭାରପ୍ରାପ୍ତ ଥାନା ଅଧିକାରୀ ଶିବଜି କୁମାର ପଣ୍ଡା, ଏସଆଇ ଅକ୍ଷୟ କୁମାର ମିଶ୍ର ଓ ଡିଭିଏଫ୍ ଯବାନ ସାମିଲ ଥିଲେ । ଶିବିରରେ ଗ୍ରାମବାସୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା ଏବଂ ମହିଳା ମାନଙ୍କ ପାଇଁ ଶାଢ଼ୀ, ଛାତ୍ର ଛାତ୍ରୀ ମାନଙ୍କ ପାଇଁ ପାଠ୍ୟ ଉପକରଣ, ଯୁବକ ମାନଙ୍କ ପାଇଁ ଖେଳ ସାମଗ୍ରୀ ଓ ବୃଦ୍ଧା ଙ୍କ ପାଇଁ କମ୍ବଳ, ଛତା, ସୋଲାର ଲାଇଟ ଇତ୍ୟାଦି ଅତିଥି ମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମ ର ମୁଖ୍ୟ ଉଦେଶ୍ୟ ହେଲା ଲୋକଙ୍କ ନିକଟତର ହୋଇ ପୋଲିସ ଲୋକଙ୍କ ମଧ୍ୟରେ ସମ୍ପର୍କ କୁ ସ୍ୱଚ୍ଛ କରିବା ଓ ବିଭିନ୍ନ କାର୍ଯ୍ୟରେ ଉଭୟେ ଉଭୟ ଙ୍କୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବାକୁ ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା ନିବେଦନ କରିଥିଲେ ।

# ୨୦୨୫ ଜନ ଔଷଧି ଦିବସ ପାଳିତ



ଦାମନଯୋଡି/ଶୈଳଶ୍ରୀ ବିହାର, ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ଜନ ଔଷଧି ଦିବସ ମହାସମାରୋହରେ ପାଳିତ । ସମାଜରେ ଏକ ସଚେତନତା ସୃଷ୍ଟି କରିବା ପାଇଁ ଆଜି ତା୧/୩/୨୫ରିଖ ଶନିବାର ଦିନ ସକାଳ ୮ଟାରେ ଶୈଳଶ୍ରୀ ବିହାର ଛକ ମାଆ ତାରିଣୀଙ୍କ ମନ୍ଦିର ଠାରୁ ଆରମ୍ଭ କରି ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକ ସଚେତନତା ଭିତ୍ତିକ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଭୁବନେଶ୍ୱରର ଏମ ପି ଶ୍ରୀମତୀ ଅପରାଜିତା ଷଡଙ୍ଗୀ,ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ଯଶୋଧାରା , ବିଭିନ୍ନ ସ୍ୱେଚ୍ଛାସେବୀ ସମେତ ତିନିଶହରୁ ଉର୍ଦ୍ଧ୍ୱ ମହିଳା,ପୁରୁଷ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ ସମସ୍ତ ସଦସ୍ୟଙ୍କୁ ବ୍ୟାନିୟନ ଓ ଟୋପି ପ୍ରଦାନ କରାଯାଇଥିଲା ଶେଷରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।ଏହି ଜନ ଔଷଧି ସଚେତନତା କାର୍ଯ୍ୟକ୍ରମକୁ ଆବାଳ ବୃଦ୍ଧବନିତା ସ୍ୱାଗତ,ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଶତ ପ୍ରଶଂସା କରିଥିଲେ ।

# ଦୁର୍ବଳ ନଦୀବନ୍ଧର ମରାମତି ନହେବାରୁ ଯାତାୟତ ବାଧାପ୍ରାପ୍ତ

ଯାଜପୁର, : ବ୍ଲକ ଅନ୍ତର୍ଗତ ସିମିଳିଆ ପଞ୍ଚାୟତର ରାଜଘାଟ ଠାରୁ ଷଠିଆଟିକିରି ରାସ୍ତାଟି ଯାହାକି ଖରସ୍ରୋତା ସେତୁ ନିକଟରୁ ଦରାଜପୁରକୁ ସଂଯୋଗ କରୁଥିବା ରାସ୍ତା କ୍ଷ ଷଠିଆଟିକିରି ରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ରାଜଘାଟ ବାଟେ ମୁଖ୍ୟତଃ ହରିପୁର ହାଟ, ବରୁଆଁ ଛକ, ସୁଜନ ପୁର ,ସଦର ଥାନା କୁ ଯିବାକୁ ମାତ୍ର ତିନି କିଲୋମିଟର ହୋଇଥିବାବେଳେ ସେଠାକାର ଲୋକେ ବାଧହୋଇ ସିମିଳିଆ, ବୁଢାଘାଟ ହୋଇ ବରୁଆଁକୁ ୧୦ କିଲୋମିଟର ଯିବାକୁ ପଡୁଛି କ୍ଷ ପୂର୍ବରୁ ଥିବା ରାଜ୍ୟସରକାର ଏହି ଅଞ୍ଚଳର ଗମନାଗମନ ପାଇଁ ଏକ ମାଷ୍ଟର୍ ପ୍ଲାନ୍ ମାଧ୍ୟମରେ ଏକ ନୂତନ ବ୍ରିଜ୍ ନିର୍ମାଣ ପାଇଁ ଅର୍ଥ ବ୍ୟୟ ବରାଦ କରିଥିଲେ ଯାହାକି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ କ୍ଷ ନଦୀବନ୍ଧରେ ଗତ ଦୁଇ ବର୍ଷ ମଧ୍ୟରେ ଜଳସେଚନ ବିଭାଗ ପକ୍ଷରୁ ମୁଠାଏ ମାଟି ପକାଇ ମରାମତି କରାଯାଇନାହିଁ ।ନଦୀ ବନ୍ଧରେ ଲୋକମାନେ ଚଳ ପ୍ରଚଳ କରିବାଦ୍ୱାରା ବନ୍ଧ ପାର୍ଶ୍ୱରେ ବିରାଟ ବିରାଟ ଗର୍ତ୍ତ ମାନ ସୃଷ୍ଟି ହୋଇଛି ।କିଛି କିଛି ସ୍ଥାନରେ କୋକି ଶିଆଳ ମାନେ ଗକ୍ଷତ କରି ରହିବା ଦ୍ୱାରା ଗର୍ତ୍ତ ସୃଷ୍ଟି ହୋଇ ବନ୍ୟା ସମୟରେ ବିପଦର କାରଣ ହୋଇଛି କ୍ଷ ଏଥିପ୍ରତି ପ୍ରଶାସନ ପକ୍ଷରୁ ବିଭାଗୀୟ ଅଧିକାରୀ ମାନଙ୍କର ନଜର ପଡୁନାହିଁ ।ଏଭଳି ପରିସ୍ଥିତିରେ ଏହି ଅଞ୍ଚଳରେ ଥିବା ଲୋକମାନେ ଯାତାୟତ ପାଇଁ ବିଭିନ୍ନ ଅସୁବିଧା ର ସମ୍ମୁଖିନ ହେଉ ଥିବାର ଦେଖାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ନଦୀ ବନ୍ଧକୁ ଯାଞ୍ଚ୍ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ବନ୍ଧ ମରାମତି କରି ସିମିଳିଆ ଅଞ୍ଚଳର ଲୋକମାନଙ୍କର ଗମନାଗମନ ର ଅସୁବିଧା କୁ ଦୂର କରିବାକୁ ନଦୀକୂଳରେ ବସବାସ କରୁଥିବା ଲୋକେ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି ।

# ୟୁକୋ ବ୍ୟାଙ୍କ୍‌ରେ ଗ୍ରାହକସେବା ବିପର୍ଯ୍ୟସ୍ତ




ନୀଳଗିରି, : ଋଣ ପାଇଁ ଜୋତା ଛିଡିଯାଉଛି,ଭାରତବର୍ଷର ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଁ ଭାରତସରକାର ବହୁ ଜାତିୟ କରଣ ବ୍ୟାଙ୍କ ପ୍ରତିଷ୍ଠା କରିଛନ୍ତି । ବାଲେଶ୍ୱର ଜିଲ୍ଲାର ଗରିବ ଓ ମଧ୍ୟବିତ୍ତ ପରିବାର ସଂଖ୍ୟା ଅଧିକ ।ଲୋକମାନେ ସଦା ସର୍ବଦା ବିଭିନ୍ନ ବ୍ୟାଙ୍କ ରେ ବିଭିନ୍ନ ପ୍ରକାର ଋଣ ନେଇ ନିଜର ଆର୍ଥିକ ଅଭାବ କୁ ପୂରଣ କରିଚାଲିଛନ୍ତି । ନୀଳଗିରି ର ୟୁକୋ ବ୍ୟାଙ୍କ ସାରା ଉପଖଣ୍ଡ ର ପ୍ରଥମ ବ୍ୟାଙ୍କ ଭାବେ ପରିଚିତ ।ଏହି ବ୍ୟାଙ୍କ ର ସବୁ ଠିକ୍ ଠାକ୍ ଚାଲିଥିବାବେଳେ ନୂତନ କରି ଆସିଥିବା ଜଣେ ବ୍ୟାଙ୍କ ମ୍ୟାନେଜର କିଭଳି ଗ୍ରାହକ ମାନଙ୍କୁ ହନ୍ତସନ୍ତ ଓ ନିର୍ଯାତିତା କରୁଛନ୍ତି ତାହା ଏବେ ବଡ ମହା ଅଭିଯୋଗ ରୁ ସ୍ପଷ୍ଟ ହୋଇଯାଇଛି । ପ୍ରଥମ ତୋ ବ୍ୟାଙ୍କ ରୁ ଯିଏ ରୁଣ ନେବା ପାଇଁ ଆସୁଛନ୍ତି ତାହାର କାଗଜ ପତ୍ରଦେଖି ଋଣ ଦିଆଯିବ ବୋଲି ଗୋଟେ ଛଳନା ପୂର୍ବକ ଆଶ୍ୱାସନା ଶୁଣାଇ ଦିଅନ୍ତି, ମରୀଚିକା ରେ ପାଣି ଖୋଜିବା ପାଇଁ ଯେଭଳି ଜଣେ ତୃଷ୍ଣା ମେଣ୍ଟାଇବା ପାଇଁ ଘୁରିବୁଲେ ସେହିଭଳି ୟୁକୋ ବ୍ୟାଙ୍କ କୁ ଦୌଡ଼ି ଚାଲିଥାଏ ।କିନ୍ତୁ ଶେଷରେ ନିରାଶ ହୋଇ ହତାଶ ହୋଇ ଆତ୍ମହତ୍ୟା କରିବା ପର୍ଯ୍ୟନ୍ତ ପଦକ୍ଷେପ ନିଏ,ଗ୍ରାହକ ମାନଙ୍କୁ ଠକିବା ଉଦ୍ଦେଶ୍ୟ ରେ ୟୁକୋ ବ୍ୟାଙ୍କ୍ କଡ଼ରେ ଏକ ଗ୍ରାହକ ସେବା କେନ୍ଦ୍ର କରାଯାଇଅଛି । ଏବଂ ସବୁ କଥାରେ ଗ୍ରାହକ ସେବାକେନ୍ଦ୍ର ରେ ପରାମର୍ଶ ନିଅବୋଲି ଗ୍ରାହକ ଙ୍କୁ ସୁଚନା ଦିଆଯାଏ, ଏପରିକି ଖାତା ଖୋଲିବା ପାଇଁ ଓ ଟଙ୍କା ଜମା କରିବା ପାଇଁ ସେଠାକୁ ପଠାଇଦିଆଯାଏ, ଏ ଭଳି ବହୁ ଅଭିଯୋଗ ଆମ ନିକଟରେ ହସ୍ତଗତ ହୋଇଛି ।ଗ୍ରାହକ ମାନଙ୍କ ସୁବିଧା ପାଇଁ ଗ୍ରାହକ ସେବାକେନ୍ଦ୍ରଟି ମୂଖ୍ୟ କେନ୍ଦ୍ର ଠାରୁ ଅତି କମ ରେ ୧୦ ରୁ ୧୫ କିଲୋମିଟର ଭିତରେ ରଖିବା କଥା କିନ୍ତୁ ଗ୍ରାହକସେବାକେନ୍ଦ୍ରଟି ୟୁକୋ ବ୍ୟାଙ୍କ କଡ଼ରେ ରଖି ଅଧିକ ଲୋକଙ୍କୁ ନିର୍ଯାତିତ କରାଯାଉଛି । ୟୁକୋ ବ୍ୟାଙ୍କ୍ ମେନେଜର ଦୁଇବର୍ଷ ଭିତରେ କୌଣସି ପାରିପାର୍ଶ୍ୱିକ ଉନ୍ନୟନ ମୂଳକ କାମ କରି ନାହାଁନ୍ତି ବୋଲି ବହୁ ଅଭିଯୋଗ ହୋଇଛି । ଗୋଟିଏ ଦିଗରେ ଗ୍ରାହକ ମାନକୁ ଋଣଦେବା ବଦଳରେ ବ୍ୟାଙ୍କ୍ ମ୍ୟାନେଜର ଗ୍ରାହକ ମାନକୁ ହୋଇରାଣ କରୁଥିବେଳେ ଅନ୍ୟ ଦିଗରେ ତାଙ୍କର ହାତ ଗୁଞ୍ଜାପାଇଁ କିଛି ଦଲାଲ ମାନଙ୍କୁ ନିଯୁକ୍ତି କରି ଗ୍ରାହକ ମାନକୁ ଲୁଟୁଛନ୍ତି, ଏ ଭଳି ଏକ ଅଭିଯୋଗ ଆମ ପ୍ରତିନିଧି ଙ୍କ ନିକଟରେ ହସ୍ତଗତ ହୋଇଛି ।ତେବେ ଉପରିସ୍ଥ ଅଧିକାରୀ ତଦନ୍ତ କରି ମେନେଜର ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣ ରେ ଦାବି ହେଉଛି ।

# ସୀମାନ୍ତରେ ପୋଲିସ ଜନ ସମ୍ପର୍କ ଶିବିର ଅନୁଷ୍ଠିତ



ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲା ପୋଲିସ ପକ୍ଷରୁ ଉମରକୋଟ ବ୍ଲକ ସୀମାନ୍ତ କୁର୍ସି ପଞ୍ଚାୟତର ପଦମଝରି ଗ୍ରାମ ଠାରେ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରରେ ନବରଙ୍ଗପୁର ଆରକ୍ଷୀ ଅଧିକାରୀ ଶ୍ରୀ ମିହିର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ସ୍ଥାନୀୟ ଗ୍ରାମବାସୀ ପାରମ୍ପରିକ ବାଦ୍ୟ ନୃତ୍ୟ ତାଳେ ତାଳେ ମୁଖ୍ୟ ଅତିଥି ତଥା ଆରକ୍ଷୀ ଅଧିକାରୀ ଶ୍ରୀ ପଣ୍ଡାଙ୍କୁ ସ୍ୱାଗତ କରି ସଭାସ୍ଥଳକୁ ପାଛୋଟି ନେଇଥିଲେ । ଶିବିରର ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ୍ୟ ଅତିଥିଙ୍କ କରକମଳରେ ଭଲିବଲ ଓ କ୍ରିକେଟ ମ୍ୟାଚ ଉଦଘାଟନ କରାଯାଇଥିଲା ।ପରେ ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଗୀତ, ନାଚ ଓ ଗ୍ରାମବାସୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା ।ଏହି ଶିବିରରେ ଗ୍ରାମବାସୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ ସହ ମହିଳା ମାନଙ୍କ ପାଇଁ ଶାଢ଼ୀ, ଛାତ୍ର ଛାତ୍ରୀ ମାନଙ୍କ ପାଇଁ ପାଠ୍ୟ ଉପକରଣ, ଯୁବକ ମାନଙ୍କ ପାଇଁ ଖେଳ ସାମଗ୍ରୀ ଓ ବୃଦ୍ଧା ଙ୍କ ପାଇଁ କମ୍ବଳ, ଛତା, ସୋଲାର ଓ ଟର୍ଚ୍ଚ ଲାଇଟ ଆଦି ଅତିଥି ମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ଉକ୍ତ ଶିବିରରେ ମୁଖ୍ୟ ଅତିଥିଙ୍କ ସହ ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ଶବର,ଆଣ୍ଟି ନକ୍ସଲ ସ୍କ୍ୱାର୍ଡର ଆସିଷ୍ଟାଣ୍ଟ କମାଣ୍ଡାଟ ସତ୍ୟ ରଞ୍ଜନ ପାଲ,ଉମରକୋଟ ଅତିରିକ୍ତ ଭାରପ୍ରାପ୍ତ ଥାନା ଅଧିକାରୀ ଶିବଜି କୁମାର ପଣ୍ଡା, ଏସଆଇ ଅକ୍ଷୟ କୁମାର ମିଶ୍ର ଓ ଡିଭିଏଫ୍ ଯବାନ ମାନେ ପ୍ରମୂଖ ସାମିଲ ଥିଲେ ।ପରିଶେଷରେ ଉପସ୍ଥିତ ସମସ୍ତ ଜନ ସମୂହ ପାଇଁ ପ୍ରୀତି ଭୋଜନର ବ୍ୟବସ୍ଥା କରି ସମସ୍ତଙ୍କୁ ନିକଟତର ହୋଇ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବାକୁ ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା ନିବେଦନ କରିବା ସହ ସମସ୍ତ ଗ୍ରାମବାସୀଙ୍କୁ ପୋଲିସକୁ ନ ଡରି ସୁସମ୍ପର୍କ ସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ ।

# ଚମ୍ପୁଆ ରେଞ୍ଜ ଦାଇତ୍ୱରେ ଥିବା ମହିଳା ବନ କର୍ମଚାରୀଙ୍କର ଟଙ୍କା ଲାଞ୍ଚ କାରବାର ଅଡିଅ ଭାଇରାଲ



ଚମ୍ପୁଆ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅଂଚଳ ରୁ ସରକାରୀ ଜମି ରୁ ଇଁକାଲି ପଟାସ ଆକାଶିଆ ବୃକ୍ଷ ଚୋରୀ ଦିନକୁ ଦିନ ବୃଦ୍ଧି ପାଇବା ରେ ଲାଗିଥିବା ବେଳେ ବାଡ଼ ହୋଇ ଫସଲ ଖାଇବା ଭଳି ବନଖଣ୍ଡ ଚମ୍ପୁଆ ରେଞ୍ଜ ଦାୟିତ୍ୱ ରେ ଥିବା ମହିଳା ଫୋରେଷ୍ଟର ସୁନିତା ବାଘେଲ ଲାଞ୍ଚ ଟଙ୍କା ମାଗୁଥିବା ନେଇ ଅଡିଓ କଲ ରେକର୍ଡ ସାମ୍ନା କୁ ଆସିଛି କ୍ଷ ଫୋରେଷ୍ଟର ମାଡାମ ଖୋଲା ଖଲି ଭାବେ ବ୍ୟକ୍ତି ଜଣ କୁ ଉଁଇଁକାଲି ପଟାସ,ଆକାଶିଆ ଗଛ କୁ ନେଇ ଟଙ୍କା ମାଗୁଥିବା ସହିତ ଟଙ୍କା ଦେଣ ନେଇ ମୁଲ ଚାଲ ର ଅଡିଅ ଖବର ଚକିତ କରିଦେଇଛି କ୍ଷ ଅଡିଅ ରେ ଫୋରେଷ୍ଟର ମାଡାମ ସୁନିତା ବାଘେଲ ଗଛ ପକାଇ ନ ରଖି ଶୀଘ୍ର ଉଠାଇ ନେବା କୁ ବ୍ୟକ୍ତି ଜଣକୁ କହୁଥିବା ବେଳେ କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ କାର୍ଯ୍ୟାଳୟ ରେ କଣ୍ଟ୍ରାକ୍ଟୁଆଲ ପୋଷ୍ଟ ରେ କାର୍ଯ୍ୟରତ ଥିବା ଏମ. ଡି ୱାସିମ ଙ୍କ ଫୋନ ପେ ନମ୍ବର କହି ଟଙ୍କା ପୈଠ କରିବାକୁ ନିର୍ଭୟ ରେ କହୁଥିବା ଅଡିଅ ଭଏସ କଲ ରେକର୍ଡ ରେ ଶୁଣା ଯାଉଛି କ୍ଷ ଖବର ତଦନ୍ତ ହସ୍ତଗତ ହୋଇଥିବା ଫୋନ ପେ ନେଣ ଦେଣ ରିପୋର୍ଟ ରୁ ଜଣାପଡିଛି ଅଡିଓ ରେକଡ଼ କରିଥିବା ବ୍ୟକ୍ତି ଜଣକ ଉତ୍ତର ପ୍ରଦେଶ ରାଜ୍ୟ ର ଜଣେ କାଠ ବ୍ୟବସୟୀ ଙ୍କ ସମ୍ପର୍କ ନେଇ ଉତ୍ତର ପ୍ରଦେଶ ବ୍ୟବସାୟୀ ଙ୍କ ଖାତା ରୁ ଫୋନ ପେ ମାଧ୍ୟମରେ ଟଙ୍କା ପୈଠ ହୋଇଛି କ୍ଷ ଏହି କାରନାମା ନେଇ କେନ୍ଦୁଝର ଡି. ଏଫ. ଓ ଙ୍କୁ ପଚାରିବା ରୁ ଚମ୍ପୁଆ ରେଞ୍ଜ ରୁ କେନ୍ଦୁଝର ମୁଖ୍ୟାଳୟ କୁ ଫୋରେଷ୍ଟର ସୁନିତା ବାଘେଲ ଙ୍କୁ ତୁରନ୍ତ ବଦଳି କରାଯାଇଛି ଏବଂ ତଦନ୍ତ ନେଇ ପର୍ଯ୍ୟାୟ କ୍ରମେ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ସୂଚନା ଦେଇଛନ୍ତି କ୍ଷ

# ଫଳକକୁ ନେଇ ରାଜନିତି ସରଗରମ



ନୀଳଗିରି, : ରେମୁଣା ବ୍ଲକ ମହାରାଜପୁର ଗ୍ରାମ ପଞ୍ଚାୟତ ସ୍ଥିତ ବୋଇତା ଗ୍ରାମ ରେ ୨୦୨୩ ମସିହାରେ ମଞ୍ଜୁର ହୋଇଥିବ ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ର ଶିଳାନ୍ୟାସ କାର୍ଯ୍ୟ କୁ କେନ୍ଦ୍ର କରି ରାଜନୈତିକ ସରଗରମ୍ ଦେଖିବାକୁ ମିଳିଛି । ଗୋଟିଏ ଜାଗାରେ ଗୋଟିଏ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ ଦୁଇଟି ଫଳକ ର ଉଦ୍ଘାଟନି ଦିବସ ଆୟୋଜନ କରାଯାଇ ଥିଲା । ପ୍ରଥମେ ବିଜେପି ର କିଛି କାର୍ଯ୍ୟକର୍ତା ମାନେ ଗୋଟିଏ ଫଳକ ନିର୍ମାଣ କରିଥିଲେ, ଏହି ଫଳକ ରେ ମୂଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ଶୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ଙ୍କ ନାମ ଥିବା ବେଳେ ସ୍ଥାନିୟ ସରପଞ୍ଚ ଶରତ ଚନ୍ଦ୍ର ପାଣି ଙ୍କର ନାମ ଲେଖାଯାଇ ନଥିଲା । ଗ୍ରାମ ବାସୀ ଙ୍କ ତରଫରୁ ଏହା ବାବଦରେ ମାନ୍ୟବର ବିନୟକ ଙ୍କୁ ଅବଗତ ମଧ୍ୟ କରାଇ ଥିଲେ । ଏହା ସତ୍ତ୍ୱେ ବିଧାୟକ ସେମାନଙ୍କ କଥାକୁ ରଖି ଅଣଦେଖା କରିଥିଲେ । ଏଥିରେ ଗ୍ରାମବାସୀ ମାନେ ଅସହିସ୍ନୁତା ପ୍ରକାଶ କରିଥିଲେ । କାରଣ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଟି ସ୍ଥାନିୟ ସରପଞ୍ଚଙ୍କର ପ୍ରଚେଷ୍ଟା ଓ ପୁର୍ବତନ ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡ଼ା ଙ୍କ ଉଦ୍ୟମ ରେ କରାଯଇ ଥିବା ବେଳେ ଏ ଶିଳାନ୍ୟାସ ବାବଦ ରେ ସ୍ଥାନିୟ ସରପଞ୍ଚ ଙ୍କୁ ଜଣାଯାଇ ନଥିଲା । ତେଣୁ ଗ୍ରାମବାସୀ ମାନେ ଆଉ ଏକ ଫଳକ ନିର୍ମାଣ କରିଥିଲେ ଓ ଏହି ଫଳକ ଟିକୁ ସରପଞ୍ଚ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପାଣି ଓ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ବନ୍ଦୀତା ନାୟକ ଙ୍କ ଦ୍ୱାରା ଶିଳାନ୍ୟାସ କାର୍ଯ୍ୟ ସମ୍ପୁର୍ଣ କରାଇ ଥିଲେ । ପରେ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଙ୍କ ଦ୍ୱାରା ଆଉ ଏକ ଫଳକ ର ଶିଳାନ୍ୟାସ କରାଯାଇ ଥିଲା ।

# ଜଳୁଛି ଜଙ୍ଗଲ , କୁମ୍ଭକର୍ଣ୍ଣ ନିଦ୍ରାରେ ରେଞ୍ଜର

ଦେବଗଡ଼, : ଜଙ୍ଗଲ ପୋଡି ରୋକିବାକୁ ସରକାରଙ୍କ ତରଫରୁ ଅନେକ ପ୍ରକାରର ସଚେତନତା କାର୍ଯ୍ୟକ୍ରମ କରାଯାଉଛି ଓ କିନ୍ତୁ ସରକାରଙ୍କ ସବୁ ପ୍ରୟାସ ଅପାରଗ ରେଞ୍ଜର ସକାଶେ ଫେଲ୍ ମାରିଛି ଓ ଜଙ୍ଗଲ ବିଭାଗ ର ଜଣେ ଅନଭିଜ୍ଞ ଅପାରଗ ରେଞ୍ଜରଙ୍କୁ ରିଆମାଳ ବ୍ଲକ ଓ ଦେବଗଡ଼ ଜିଲ୍ଲା ସଦର ର ଦାୟିତ୍ୱ ମିଳିଥିବା ଯୋଗୁଁ ଗୋଟିଏ ପରେ ଗୋଟିଏ ସବୁ ଅଘଟଣ ଘଟି ଚାଲିଛି ଓ କେତେବେଳେ କେଉଁଠି ବାଘ ମଲାଣି ତ କେଉଁଠି ହାତୀ, ଏମିତି ଅନେକ କିଛି ଅଘଟଣ ଘଟୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଙ୍କ ମୌନ ରହିବା ଓ ସମ୍ପୃକ୍ତ ରେଞ୍ଜର ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଜନସାଧାରଣ ଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । ଜଙ୍ଗଲ ବିଭାଗର ବେପରୁଆ ମନୋଭାବ ଯୋଗୁଁ ଦେବଗଡ଼ ରେଞ୍ଜ ତଥା ସୁଗୁଡା ଓ ଦେବଗଡ଼ ସାଉଥ ଫରେଷ୍ଟ ବିଟ ଅନ୍ତର୍ଗତ ରମ୍ଭାଦେବୀ ସରକ୍ଷିତ ଜଙ୍ଗଲ ସହିତ ଦ୍ୱୀପ ତଳ ଅନ୍ଧାର ସଦୃଶ ଜିଲ୍ଲା ବନବିଭାଗ ନାକ ତଳେ ଥିବା ଟିକିଣି ଘାଟି ଓ ହଦମୁଣ୍ଡା ଘାଟି ରେ ହୁତହୁତ୍ ହୋଇ ନିଆଁ ଜଳିବାରେ ଲାଗିଛି ଓ ଏ ବାବଦରେ ବନବିଭାଗ ଅଧିକାରୀ ମାନେ ଏସବୁ ମନୁଷ୍ୟକୃତ୍ୟ ତଥା ବାରମ୍ବାର ଲୋକଙ୍କୁ ବୁଝାଇବା ସତ୍ତ୍ୱେ ମହୁଲ ପାଇଁ ଲୋକମାନେ ଜଙ୍ଗଲରେ ନିଆଁ ଲଗେଇ ଦେଉଛନ୍ତି କହି ନିଜ ଦାୟିତ୍ୱ ସାରି ଦେଉଛନ୍ତି ଓ ତା ହେଲେ ଏଠାରେ ପ୍ରଶ୍ନ ଉଠୁଛି ଯେ ଯଦି ଜଙ୍ଗଲ ପୋଡି ରୋକିବାରେ ଜଙ୍ଗଲ ବିଭାଗ ଅସମର୍ଥ ତା ହେଲେ ଏହାର ସମାଧାନ କିପରି କରାଯିବ ଓ ଏହାର ଉପଯୁକ୍ତ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବେଶବିତ୍ ମାନେ ଦାବି କରିଛନ୍ତି ।

# ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ଗୋଟିସାହିର ୧୭ତମ ବାର୍ଷିକ ଉତ୍ସବ




ନୟାଗଡ ନୟାଗଡ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଗୋଟିସାହି ନିକଟସ୍ଥ ଜମୁଝୋଲା ଛକରେ ଥିବା ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ୧୭ତମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ବେଶ୍ ଧୁମ୍ ଧାମ ରେ ପାଳିତ ହୋଇଯାଇଛି , ପ୍ରଥମେ ସ୍କୁଲ ପରିସରରେ ପ୍ରଭୁ ଙ୍କ ପୂଜା ପାଠ ଓ ହୋମ ଯଜ୍ଞ ପରେ କାର୍ଯ୍ୟ ସୂଚୀ ଅନୁଯାୟୀ କୌତୁକ ବେଶ ପ୍ରତିଯୋଗିତା , ମାତୃପିତୃ ପୂଜନ,ଅମୃତ ବାଣୀ ଶ୍ରବଣ,ଓ ପ୍ରସାଦ ସେବନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ପରେ ପରେ ପୁରସ୍କାର ବିତରଣ କରାଯାଇଥିଲା । ସନ୍ଧ୍ୟା ୭ଘଣ୍ଟିକା ସମୟରେ ଶିଶୁ ମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।ଏହି କର୍ଯ୍ୟକ୍ରମ ରେ ଅତିଥି ଭାବେ ଦୀପ୍ତି ରଞ୍ଜନ ପରିଡ଼ା, ଅଶୋକ କୁମାର ନାୟକ, ଲୋକନାଥ ଦାସ,ରାଜକୁମାର ସେଠି,ପ୍ରଭାତ କୁମାର ମହାନ୍ତି,ସୁଦର୍ଶନ ନାୟକ,ଆବାହକ ପ୍ରଦୋଷ କୁମାର ମହାନ୍ତି,ସଭାପତି ପଣ୍ଡବ ନାୟକ, ନିବେଦକ ବିଜୟଲକ୍ଷ୍ମୀ ସାମନ୍ତ,ଯୋଗଗୁରୁ ବୈକୁଣ୍ଠ ନାଥ ପ୍ରଧାନ, ଇତ୍ୟାଦି ଅତିଥି ଭାବେ ଯୋଗ ଦେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ ।ଏହି ସଂସ୍କୃତିକ କାର୍ଯ୍ୟକ୍ରମ ରେ ପ୍ରାୟ ୫୦ ରୁ ଉର୍ଦ୍ଧ ଶିଶୁ ଭାଗ ନେଇଥିଲେ ।ଏହି ବାର୍ଷିକ ଉତ୍ସବ ରେ ବିଦ୍ୟାଳୟ ର ସମସ୍ତ ଗୁରୁଜୀ ,ଗୁରୁମ, ବାହନ ଚାଳକ,ସେବିକା,ମାନେ ସମସ୍ତ ସହଯୋଗ କରିଥିଲେ ।ଅଭିଭାବକ ମାନଙ୍କୁ ଭଲ ବ୍ୟବହାର ଦେଖେଇଥିବାରୁ ସ୍ୱେବିକା ଓ ଗୁରୁମା ମାନଙ୍କୁ ଅଭିଭାବକ ମାନେ ଧନ୍ୟବାଦ୍ ଜଣାଇଥିଲେ ।ବିଦ୍ୟାଳୟ ଅଧକ୍ଷା ବିଜୟଲକ୍ଷ୍ମୀ ସାମନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ ।

# ନବ ନିଯୁକ୍ତ ଶିକ୍ଷକମାନଙ୍କ ପଞ୍ଚ ଦିବସୀୟ ତାଲିମ୍



ସୁବର୍ଣ୍ଣପୁର, ଜିଲ୍ଲାର ନୂତନ ଭାବେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ତାଲିମ ‘ ପ୍ରେରଣା ‘ ସ୍ଥାନୀୟ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ୨୪ ଫେବୃଆରୀ ରୁ ୧ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ମୋଟ ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ତାଲିମ ପ୍ରାପ୍ତ ହୋଇଥିଲେ । ଆମ ବିଭାଗ, ମୋ ବିଦ୍ୟାଳୟ, ପିଲାଙ୍କୁ ବୁଝିବା, ପିଲାମାନେ ଶିଖନ୍ତି କିପରି, ଶ୍ରେଣୀ ପରିଚାଳନା, ପାଠ ଯୋଜନା, ମାନ ନିର୍ଦ୍ଧାରଣ, ଅଭିନବ ପ୍ରୟାସ, ଶିକ୍ଷା ସମ୍ପର୍କିତ ଇଣ୍ଡେକ୍ସ ଇତ୍ୟାଦି ବିଷୟରେ ତାଲିମ ପ୍ରଦନ କରାଯାଇଥିଲା । ପେଡାଗୋଜି କୋଡିନେଟର୍ ଡ. ଅକ୍ଷୟ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ଶ୍ରୀ ଦିଲ୍ଲିପ କୁମାର ମିଶ୍ର , ଶ୍ରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଶ୍ରୀ ସୁରେଶ କୁମାର ନାଏକ ସାଧନ କର୍ମୀ ଭାବରେ ତାଲିମ ପ୍ରଦାନ କରିଥିଲେ । ଉଦ୍ ?ଯାପନୀ ସଭାରେ ସୁବର୍ଣ୍ଣପୁର ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମୀନାରାଣୀ ମଙ୍ଗଳ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରିବା ସହିତ ଶିକ୍ଷକତାକୁ ଏକ ବୃତ୍ତି ଭାବରେ ନୁହେଁ ବରଂ ଏହାକୁ ଏକ ବ୍ରତ ରୂପେ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ । ଶେଷରେ ଅଂଶଗ୍ରହଣକାରୀ ମାନେ ଛଅଟି ଦଳରେ ଭାଗ ହୋଇ ଛଅଟି ପ୍ରସଙ୍ଗ ଆଧାରିତ ଏକାଙ୍କିକା ପରିବେଷଣ କରିଥିଲେ ।

# ଜୟପୁର ଟାଉନ ପୋଲିସକୁ ବଡ଼ ସଫଳତା, ଚୋରି ସାମଗ୍ରୀ ସହ ୬ ଚୋର ଗିରଫ




ଜୟପୁର, : ଜୟପୁର ଟାଉନ ପୋଲିସ କୁ ବଡ଼ ସଫଳତା ଚୋରି ସାମଗ୍ରୀ ସହ ୬ ଜଣ ଚୋର ଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି । ସୂଚନା ଅନୁସାରେ ଗତ ର କାଞ୍ଚନ ଗନ୍ତାୟତ ସକାଳୁ ବିଦ୍ୟାଳୟ କୁ ଯାଉଥିବା ବେଳେ ଦୁଇ ଜଣ ଯୁବକ ଗୋଟେ ବାଇକ ରେ ଆସି ତାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ । ଯାହାର ଆନୁମାନିକ ସେଇ ପରି ଜୟପୁର ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡାକ୍ତର ସୂର୍ଯ୍ୟ ଶେଖର ମିଶ୍ର ଏକ ଅଭିଯୋଗ ମଧ କରିଥିଲେ । ପୁରୁଣା ବ୍ଲଡ଼ ବ୍ୟାଙ୍କ ରେ ଥିବା ବିଭିନ୍ନ ଇଲେକ୍ଟ୍ରିକ ସାମଗ୍ରୀ ଚୋରି ହୋଇଛି କୁ ଆଧାର କରି ସହର ମଧ୍ୟରେ ରହିଥିବା ସିସିଟିଭି ଯାଞ୍ଚ କରିଥିଲା ।ସିସିଟିଭି ଯାଞ୍ଚ କରି ୬ ଜଣଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ଯୁବକ ମାନେ ହେଲେ ଅଶୋକ ହ ଚୌଧୁରୀ(୪୫),ବିଶାଳ ନାଗ(୨୦),ରାଜୀବ ସାଗର(୧୮) ଓ ଜଣେ ଚୋରି ସାମଗ୍ରୀ କିଣିଥିବା ଯୁବକ ଙ୍କୁ ଗିରଫ କରାଯାଇଛି । ଗିରଫ ଯୁବକ ଙ୍କ ଠାରୁ ଚୋରି ହୋଇଥିବା ସୁନା ଚେନ, ଏସି, ଏଲଇଡ଼, ବାଇକ ସମେତ ଅନ୍ୟାନ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି ।ଗିରଫ ହୋଇଥିବା ଯୁବକ ମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜୟପୁର ଟାଉନ ଥାନା ଅଧିକାରୀ କହିଛନ୍ତି ।

# ତୁମ୍ବେଶ୍ୱର ମନ୍ଦିର ପାର୍କରୁ ଭାଙ୍ଗି ଗଲାଣି ପିଲାଙ୍କ ଖେଳ ପାଇଁ ଉଦ୍ଧିଷ୍ଟ ସାମଗ୍ରୀ

## ମନ୍ଦିର ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ







**ବେଗୁନିଆପଡା, ୩/୩ (ନି.ପ୍ର):** ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଷଣ୍ଢମୂଳ ସ୍ଥିତ ପ୍ରସିଦ୍ଧ ତୁମ୍ବେଶ୍ୱର ମନ୍ଦିରରେ ନୂତନ ଭାବେ ତିଆରି ହୋଇଥିବା ପାର୍କ ର ଖେଳ ପାଇଁ ଉଦ୍ଧିଷ୍ଟ ସାମଗ୍ରୀ ର ଅନେକ ସାମଗ୍ରୀ ଭାଙ୍ଗି ରୁଜି ଯିବା ଫଳରେ ପିଲାଙ୍କ ଖେଳିବା ନିମନ୍ତେ ଅସୁବିଧା ହେଉଥିବା ପରିଲିକ୍ଷିତ ହୋଇଛି । ପ୍ରତ୍ୟେକ ଦିନ ଆଖପାଖ ଅଞ୍ଚଳରୁ ଶହ ଶହ ଭକ୍ତ ତଥା ଅଭିଭାବକ ନିଜ କୁନିକୁନି ଛୁଆ ମାନଙ୍କୁ ନେଇ ଆମୋଦ ପ୍ରମୋଦ ପାଇଁ ଆସୁଥିବା ବେଳେ ଅନେକ ଖେଳ ସାମଗ୍ରୀ ଭାଙ୍ଗି ଯାଇଥିବା ଯୋଗୁଁ ଫେରି ଯାଉଥିବା ନଜିର ରହିଛି । ଏହା ସହ ଏହି ଅଞ୍ଚଳରୁ ଅନେକ ପରିବାର ପ୍ରାତଃ ତଥା ସାନ୍ଧ୍ୟ ପରିକ୍ରମଣ ରେ ଆସୁଥିବାରୁ ନିଜ ପରିବାର ର ଛୁଆ ମାନେ ଏଇଠି ଖେଳିବାରେ ଅସୁବିଧା ହେଉଥିବା ମଧ୍ୟ ଦେଖା ଦେଇଛି । କିଛି ଖେଳ ସାମଗ୍ରୀ ଭାଙ୍ଗି ଯାଇଥିବା ଯୋଗୁଁ ପିଲାଙ୍କୁ ଆଘାତ ଲାଗିବାର ବିପଦ ମଧ୍ୟ ଦେଖା ଦେଇଛି । ତେଣୁ ମନ୍ଦିର ପ୍ରଶାସନ ଏହାକୁ ଆଖି ଆଗରେ ରଖି ତୁରନ୍ତ ଏହି ଖେଳ ସାମଗ୍ରୀକୁ ପୁନଃ ମରାମତି କରିବା ସହ ଆବଶ୍ୟକ ସ୍ଥଳେ ନୂତନ ସାମଗ୍ରୀ ଲଗାଇବାକୁ ଭକ୍ତ ତଥା ଅଭିଭାବକ ମାନେ ଅନୁରୋଧ କରିଛନ୍ତି ।

# ଏକବାର ପାଇଁ ଦିନ ଗୋଟାଏରୁ ଉଚ୍ଚ ବିଦ୍ୟାଳୟରେ ତାଲା

- ପ୍ରଧାନ ଶିକ୍ଷକଙ୍କ ସରକାର ନିୟମକୁ ଉଲ୍ଲଂଘନ
- ବିନା ଅନୁମତିରେ ସକାଳୁଆ ବିଦ୍ୟାଳୟ ଖୋଲିବାକୁ ନେଇ ସାଧାରଣ ଚର୍ଚ୍ଚା

**ବାସୁଦେବପୁର,୩/୩ (ନି.ପ୍ର):** ବିଦ୍ୟା ଅଟଇ ମହା ଧନ, ବାଳକେ କର ଉପାର୍ଜନ। ବିଦ୍ୟାଳୟ ଏକ ମନ୍ଦିର ଯେଉଁଠାରେ ପିଲାମାନଙ୍କୁ ଗୁରୁଜୀ ଗୁରୁମା ମାନେ ବିଦ୍ୟାଦାନ ଦେଇ ସମାଜରେ ଭଲ ମଣିଷ ତିଆରି କରିଥାନ୍ତି। ଯାହାଫଳରେ ସମାଜ ର କଲ୍ୟାଣ ହୋଇଥାଏ। ସେଥିପାଇଁ ବିଦ୍ୟାଳୟ ପରି ଏକ ପବିତ୍ର ସ୍ଥାନ ରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ନ ଦେଇ ଅଧାରୁ ଛୁଟି କରିଦେବାଟା କେତେଦୂର ଠିକ୍ ! ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସାନକୃଷ୍ଣପୁର ଗ୍ରାମ ରେ ଥିବା କେ.କେ.ଜି.ପି. ଉଚ୍ଚ ବିଦ୍ୟାଳୟ ରେ ଫେବୃଆରୀ ୨୫ ତାରିଖ ସୋମବାର ଏକବାର କହି ବିଦ୍ୟାଳୟ ରେ ଛାତ୍ରଛାତ୍ରୀ ମାନଙ୍କୁ ପାଠ ନ ପଢ଼ାଇ ଅଘୋଷିତ ବିଦ୍ୟାଳୟ ଛୁଟି କିରି ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଗେଟରେ ତାଲା ପକାଇ ଘରକୁ ଚାଲିଯାଇଥିବା ଦେଖିବାକୁ ମିଳିଛି। ସବୁଠାରୁ ବଡ଼ କଥା କେ.କେ.ଜି.ପି. ଉଚ୍ଚ ବିଦ୍ୟାଳୟକୁ ସରକାରୀ ସ୍ତରରେ+୨ ଶିକ୍ଷାନୁଷ୍ଠାନ ଭାବେ ମାନ୍ୟତା ମିଳିଥିବା ବେଳେ ଖୋଦ ପ୍ରଧାନ ଶିକ୍ଷକ ଓ ଶିକ୍ଷାନୁଷ୍ଠାନ






ର କର୍ମକର୍ତ୍ତା ମାନେ ରବିବାର ଓ ମଙ୍ଗଳବାର ଛୁଟି ଥିଲା ବେଳେ ସୋମବାର କୁ ମଧ୍ୟ ଛୁଟି ଦିନ ଭାବରେ ଗ୍ରହଣ କରିନେଇ ବିଦ୍ୟାଳୟ ରେ ତାଲା ପକାଇ ଚାଲିଯିବା ଘଟଣା ସାଧାରଣ ରେ ବି ସସ୍ମୟ ସୃଷ୍ଟି କରିଛି। ବାସୁଦେବପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ବାସୁଦେବପୁର ବ୍ୟତୀତ ଧାମନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବାରୁ ତାଙ୍କର ଅନୁପସ୍ଥିତିରେ ସୁଯୋଗ ନେଇ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀମାନେ ମନ ଇଚ୍ଛା ଶିକ୍ଷା ଅନୁଷ୍ଠାନ ଖୋଲୁଥିବା ଦେଖିବାକୁ ମିଳିଛି। ଏଠାରେ ପିଲାମାନେ ପଢିଲେ କେତେ ଗଲେ କେତେ ବା ମଲେ କେତେ ସେ କଥା ବୁଝିବା ପାଇଁ କାହାରି ପାଖରେ ସମୟ ନାହିଁ। ବାଡ଼ ଯଦି ଫସଲ ଖାଏ କହିବା କାହାକୁ। ଏହି ପରି ଭାବରେ ସରକାର ଙ୍କ ନିୟମକୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସିଧାସଳଖ ଉଲ୍ଲଂଘନ କରିଥିବା ସାଧାରଣ ରେ ଚର୍ଚ୍ଚା ଜୋର୍ ଧରିଛି। ବିଗତ ସରକାରଙ୍କ ଛତ୍ର ଛାୟାରେ ରହି କେତେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବାରେ ଲାଗି ପଡିଥିଲେ। ହେଲେ ବର୍ତ୍ତମାନ ପାଖାପାଖି ୧୦ ମାସ ହେବ ସରକାର ପରିବର୍ତ୍ତନ ହୋଇଯାଇଛି କିନ୍ତୁ ଶିକ୍ଷକ ମାନଙ୍କ ର କାର୍ଯ୍ୟକଳାପ ଏପର୍ଯ୍ୟନ୍ତ ପରିବର୍ତ୍ତନ ହୋଇପାରିଲା ନାହିଁ। ସରକାରଙ୍କ ନିତି ନିୟମ କୁ ନମାନି ନିଜ ଇଚ୍ଛା ରେ ପିଲାମାନଙ୍କ ଭବିଷ୍ୟତ କୁ ଅନ୍ଧାର କୁ ଠେଲି ଦେବାକୁ ଉଦ୍ୟମ କରିବା ସହିତ ଶାସନାଧୀନ ସରକାର ଙ୍କୁ ବଦନାମ କରିବାକୁ ଯୋଜନା କରାଯାଉଛି। ଦେଖିବାକୁ ବାକି ରହିଲା ଏପରି ଅମାନିଆ ଶିକ୍ଷା କର୍ମଚାରୀ ମାନଙ୍କ ଉପରେ ରୋକ ଲାଗୁଛି କେବେ।

# ବସ୍ତା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସାଧାରଣ ସମ୍ପାଦକଙ୍କ ଅକାଳ ବିୟୋଗ

**ବସ୍ତା୩/୩ (ନି.ପ୍ର):** ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ର ସାଧାରଣ ସମ୍ପାଦକ ତଥା ପୁର୍ବତନ ଛାତ୍ର କଂଗ୍ରେସ ସଭାପତି ଦ୍ୟୁତିକୃଷ୍ଣ ଦାସ ମହାପାତ୍ର (ପିଙ୍କୁ)ଅକାଳ ବିୟୋଗ ଘଟିଛି ଯାହା ଫଳ ରେ ବସ୍ତା ଅଂଚଳ ର ଶୋକ ଖେଳିଯାଇଛି ।ଶ୍ରୀ ମହାପାତ୍ର ଙ୍କ ରକ୍ତ ଜୁଡୁବୁଡୁ ମୃତ୍ୟୁ ଶରୀର କୁ ଷାଠିଏ ନମ୍ବର ଜାତୀୟ ରାଜପଥ ଇନ୍ଦିରା ଛକ ନିକଟସ୍ଥ ଆହାର ହୋଟେଲ ନିକଟ ରୁ ଏନ୍ ଏଚ୍ କର୍ତ୍ତୃପକ୍ଷ ଉଧାର କରି ବସ୍ତା ଡ଼ାକ୍ତରଖାନା କୁ ନେଇଥିଲେ ଏହି କଥା ପ୍ରଚାର ହେବାପରେ ବସ୍ତା ଡ଼ାକ୍ତରଖାନାରେ ଗହଳି ଜମିଥିଲା ସାଂଗ ସାଥୀ ସମର୍ଥକ ଏହାକୁ ସନ୍ଦେହ କରୁଛନ୍ତି ହତ୍ୟା ବୋଲି । ଖବର ପାଇ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଶୋକ ବାର୍ତ୍ତା ଜଣାଥିଲା ବେଳେ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି ପୁର୍ବତନ ବିଧାୟକ ଦେବୀ ପ୍ରଶନ ଚଣ୍ଡ ଜିଲ୍ଲା କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ବିଜେଡି ବ୍ଲକ ସଭାପତି ଅନୀଲ କୁମାର ମହାନ୍ତି କଂଗ୍ରେସ ନେତା ରବୀନ୍ଦ୍ର ଦାସ ବସ୍ତା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତୀର୍ଥ ନାଗ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ସଦର ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଜୀବନ ମହାପାତ୍ର ବସ୍ତା ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ ବ୍ରାହ୍ମଣଦା ପଂଚାୟତ କଂଗ୍ରେସ ସଭାପତି ବ୍ରଜେନ୍ଦ୍ର ଗିରି ଯୁବ ସଭାପତି ଶୁଶାନ୍ତ ସାହୁ କଂଗ୍ରେସ ନେତା ଜଗଦୀଶ ସାହୁ ବିଭୁତି ପ୍ରଧାନ ସୁବାସ ସାହୁ ବିଜେଡି ଯୁବ ନେତା ଅନୁପମ ମହାନ୍ତି ପୁର୍ବତନ ସରପଂଚ ରବୀନ୍ଦ୍ର ମହାନ୍ତି ବିଜେଡି ସଦର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଦୀଲ୍ଲିପ ମହାନ୍ତି ବସ୍ତା ଡ଼ାକ୍ତରଖାନାରେ ପହଂଚି ଶ୍ରୀ ମହାପାତ୍ର ଙ୍କ ଶେଷ ଦର୍ଶନ କରିଥିଲେ ପରେ ବସ୍ତା ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ପକ୍ଷରୁ ଏକ ଶୋଭାଯାତ୍ରା ରେ ମରଶରୀର କୁ ତାଙ୍କ ମୁଳିଦା ସ୍ଥିତ ବାସଭବନ କୁ ନିଆଯାଇ ଶତ୍କାର କରାଯାଇଥିଲା ସେ ବାପା ମାଆ ର ଏକମାତ୍ର ପୁତ୍ର ଅଟେ।

# ଜଙ୍ଗଲ ମଧ୍ୟରୁ ମାଓବାଦୀଙ୍କ ଔଷଧୀୟ ଡମ୍ପ ଠାବ, ଅତ୍ୟାଧୁନିକ ଚକ୍ଷୁ ପରୀକ୍ଷା ମେସିନ ସହ ଅନେକ ସାମଗ୍ରୀ ଜବତ

**ମାଲକାନଗିରି,୩/୩ (ନି.ପ୍ର):** ମାଓ ଦମନ ପାଇଁ ଜାରିଥିବା ତଲାସି ଅଭିଯାନ ବେଳେ ମାଓବାଦୀଙ୍କ ଔଷଧୀୟ ଓ ଅତ୍ୟାଧୁନିକ ଚିକିତ୍ସା ଉପକରଣ ଗଚ୍ଛିତ ଥିବା ଡମ୍ପ ଠାବ କରି ଅନେକ ସାମଗ୍ରୀ ଜବତ କରିଛି ସୁରକ୍ଷା ବଳ। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ସୁକୁମା ଜିଲ୍ଲା ଅନ୍ତର୍ଗତ ମିନାଭଟ୍ଟା ଜଙ୍ଗଲରେ ମାଓ ଦମନ ନିମନ୍ତେ ପୋଲିସ ଓ ଯବାନଙ୍କ ଦ୍ୱାରା ମାଓ ଦମନ ନିମନ୍ତେ ତଲାସି ଅଭିଯାନ ଜାରି ରହିଥିଲା। ତେବେ ଏହି ସମୟରେ ଜଙ୍ଗଲ ଭିତରୁ ମାଓବାଦୀଙ୍କ ପକ୍ଷରୁ କରାଯାଇଥିବା ଔଷଧୀୟ ଭଣ୍ଡାର ଠାବ କରିଥିଲେ ଯବାନ ମାନେ। ଯେଉଁଥିରୁ ଅନେକ ଦାମୀ ଦାମୀ ମେଡିକାଲ ସାମଗ୍ରୀ ମିଳିଛି। ପ୍ରାୟ ୨୦ ଲକ୍ଷ ଟଙ୍କାର ଅତ୍ୟାଧୁନିକ ଚକ୍ଷୁ ପରୀକ୍ଷା କରିବା ଲାଗି ଏକ କମ୍ପୁଟରାଇଜ ମେସିନ



ମଧ୍ୟ ସେଠାରୁ ଠାବ ହୋଇଛି। ଯାହା କେବଳ ବଡ ବଡ ଡାକ୍ତରଖାନାରେ ଉପଲବ୍ଧ ହୋଇଥାଏ। ଏହି ମେଡିସିନ୍ ଡମ୍ପ ଠାବ ହେବା ପରେ ଆଖପାଖ ଜଙ୍ଗଲରେ ଅପରେସନକୁ ଜୋରଦାର କରାଯାଇଛି ବୋଲି ସୁକୁମା ଏସପି କିରଣ ଚୌହାନ ସୂଚନା ଦେଇଛନ୍ତି। ତେବେ ଗତ କିଛି ଦିନ ହେବ ମାଓ ଅଞ୍ଚଳରେ ପୋଲିସ ଓ ସୁରକ୍ଷାକର୍ମୀଙ୍କ ପକ୍ଷରୁ କରାଯାଇଥିବା ଜୋରଦାର ଅପରେସନରେ ଅନେକ ମାଓବାଦୀ ନିହତ ଓ ଆହତ ହୋଇଥିବା ବେଳେ ଜଙ୍ଗଲ ଭିତରେ ରହି ନିଜର ଚିକିତ୍ସା କରିବା ପାଇଁ ଏହି ସବୁ ସାମଗ୍ରୀର ବ୍ୟବହାର କରୁଥିବା ଅନୁମାନ କରାଯାଉଛି।

# ୬୯ ବର୍ଷୀୟ ବଂଶୀଧର ଦିଗାଲ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ

**କ ନୂଆଗାଁ,୩/୩ (ନି.ପ୍ର):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ଗ୍ରାମ ପଞ୍ଚାୟତ ମଗଡ଼ିଙ୍ଗିଆ ଗ୍ରାମର ୬୯ ବର୍ଷ ବଂଶୀଧର ଦିଗାଲ ବାର୍ଦ୍ଧକ୍ୟ ଭତ୍ତା ପାଇବାର ବଞ୍ଚିତ। ସୂଚନା ଅନୁଯାୟୀ ଦୀର୍ଘ ବର୍ଷ ବର୍ଷ ଧରି ଓ୍ୱାର୍ଡ ମେମ୍ବର ଠାରୁ ଆରମ୍ଭ କରି ପଞ୍ଚାୟତ, ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ କଥା କହି ଓ କାଗଜ ପତ୍ରରେ ବାରମ୍ବାର ଭତ୍ତା ଖଣ୍ଡିଏ ପାଇଁ ଆବେଦନ କରିଆସୁଥିଲେ ମଧ୍ୟ ଫଳଶୂନ । ବ୍ଲକ ପ୍ରଶାସନର ଅବହେଳା କାମ ଖିଆଲି ଅ ଖିଆଲି ଇଛା ଶକ୍ତି ମନୋଭାବ ଯୋଗୁଁ ଏ ପର୍ଯ୍ୟନ୍ତ ୬୯ ବର୍ଷ ବଂଶୀଧର ଦିଗାଲ ଭତ୍ତା ପାଇ ନଥିବା ଏକ ପ୍ରଶ୍ନବାଚି ସୃଷ୍ଟି ହେଇଛି ଅଞ୍ଚଳରେ ।ଏହି ଦିଗରେ ଅନ୍ୟପଟେ ବାରମ୍ବାର ଆବେଦନ ପରେ ମଧ୍ୟ ପ୍ରଶାସନିକ ଅବହେଳା ପାଇଁ ବୃଦ୍ଧ ଙ୍କୁ ଭତ୍ତା ମିଳି ପାରୁନଥିବା ଅଭିଯୋଗ କରିଛନ୍ତି ମଗଡ଼ିଙ୍ଗିଆ ଅଞ୍ଚଳର ସମାଜ ସେବୀ ବିବେକାନନ୍ଦ ପ୍ରଧାନ।

ଏହି ଗ୍ରାମର ବଂଶୀଧର ଦିଗାଲ ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ବ୍ଲକ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସରକାର ଭତ୍ତା ପାଇଁ ଧାର୍ଯ୍ୟ ବୟସ ସୀମା ୬୯ ବର୍ଷ ହେଉଥିବା ବେଳେ କ ନୂଆଗାଁ ବ୍ଲକର ବହୁ ହିତାଧିକାରୀ ଏହି ବୟସ ସୀମା ଟପି ଯାଇଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କୁ ଭତ୍ତା ମିଳିପାରି ନାହିଁ କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଗ୍ରାମର ବଂଶୀଧର ଦିଗାଲ ଦୀର୍ଘ ସାତ ବର୍ଷ ହେବ ଭତ୍ତା ପାଇଁ ଦରଖାସ୍ତ କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ ହିତାଧିକାରୀ ସୂଚୀରେ ସାମିଲ ହୋଇନାହାନ୍ତି ଭତ୍ତା ଟଙ୍କା ପାଇବା ସକାଶେ ସେ ବାରମ୍ବାର ବ୍ଲକ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ଏଥିରେ ତାଙ୍କୁ ଅଦ୍ୟାବଧି ସଫଳତା ମିଳିପାରି ନାହିଁ ସାତ ବର୍ଷ ତଳୁ ହିତାଧିକାରୀ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ କେଉଁ କାରଣ ପାଇଁ ବଂଶୀଧର ଦିଗାଲ ଆଜି ପର୍ଯ୍ୟନ୍ତ ଭତ୍ତାରୁ ବ୍ଲକ ପ୍ରଶାସନ ବଞ୍ଚିତ ରଖିଛନ୍ତି ତାହା ବୁଝା ପଡୁନାହିଁ । ପଞ୍ଚାୟତ ତଥା ପଞ୍ଚାୟତ ସମିତିରେ ବହୁବାର ଦରଖାସ୍ତ କରିଥିଲେ ମଧ୍ୟ ସେ ନିରାଶ ହୋଇ ପଡ଼ିଛନ୍ତି ଗତ ବିଜେଡି ସରକାର ଅମଳରେ ସେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ପଞ୍ଚାୟତ ସମିତି ସ୍ତରରେ ଦରଖାସ୍ତ କରିଥିଲେ ତାଙ୍କୁ କେଉଁ କାରଣରୁ ଭତ୍ତା ଦିଆଯାଉ ନଥିବା ନିଜେ ବଂଶୀଧର ଦିଗାଲ ଅଭିଯୋଗ କରିଛନ୍ତି । ତୁରନ୍ତ ଏଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବଂଶୀଧର ଦିଗାଲ ଭତ୍ତା ଯୋଗାଇ ଦେବା ଦିଗରେ ପଦକ୍ଷେପ ନେବା ସକାଶେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।

# ଦୁଇ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ମାଲକାନଗିରି,୩/୩ (ନି.ପ୍ର):** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମ୍ ?ଭି-୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଦୁଇ ଛାତ୍ରୀଙ୍କ ଝୁଲନ୍ତା ଶବ ଜଙ୍ଗଲରୁ ଉଦ୍ଧାର ହେବା ଘଟଣାକୁ ଇତି ମଧ୍ୟରେ ଦୁଇସପ୍ତାହରୁ ଅଧିକ ସମୟ ବିତିଲାଣୀ। କିନ୍ତୁ ଏହି ଚର୍ଚ୍ଚିତ ସମ୍ବେଦନଶୀଳ ଘଟଣାକୁ ଆତ୍ମହତ୍ୟାର ରୂପ ଦିଆଯାଇଥିବା ବେଳେ ପରିବାରଲୋକ ସମେତ ବିଭିନ୍ନ ସଙ୍ଗଠନ ପୁଲିସ୍ ର ଭୂମିକାକୁ ନେଇ ସଂଦେହ ପ୍ରକାଶ କରିଛନ୍ତି। ଦୁଇ ଛାତ୍ରୀଙ୍କ ଝୁଲନ୍ତା ଶବ ଜଙ୍ଗଲରୁ ଉଦ୍ଧାର ହେବା ଘଟଣା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାରଲୋକ ସମେତ ବିଭିନ୍ନ ସଙ୍ଗଠନ ଓ ସ୍ଥାନୀୟ ଲୋକ ଦାବି କରି ଆସୁଥି ବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ସମସ୍ତଙ୍କୁ ଚକିତ କରିଛି। ଡାକ୍ତରଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ୍ ଟିମ୍ ର ତଦନ୍ତ ରିପୋର୍ଟ କୁ ଭିତ୍ତି କରି ଶ୍ୱାସରୁଦ୍ଧ ଯୋଗୁ ଉଭୟ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ପୁଲିସ୍ କହୁଥିବା ବେଳେ ଏହାକୁ ସହଜରେ ଗ୍ରହଣ କରିପାରିନାହାନ୍ତି ପରିବାର ଲୋକ। ବ୍ୟବଚ୍ଛେଦ ରିପୋର୍ଟ ରେ କିଛି ହେରଫେର କରାଯାଇ ସତ ଲୁଚାଇବାକୁ ଚେଷ୍ଟା କରାଯାଇଥିବା ସେମାନେ ସଂଦେହ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଉଚିତ୍ ନ୍ୟାୟ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ତେବେ ଏହାକୁ ନେଇ ଗତ ୨୭ ତାରିଖ ଦିନ ଏମ୍ ?ଭି-୭୨ ଏବଂ ଏମ୍ ?ଭି-୧୨୬ ପଲ୍ଲିମଙ୍ଗଲ କମିଟି ତରଫରୁ ଏମ୍ ?ଭି-୧୨୬ ଗ୍ରାମରେ ଏକ ବିଶେଷ ଆଲୋଚନା ସଭା ଡକାଯାଇଥିବା ଜଣାପଡ଼ିଛି। ଏହି ସଭାରେ ଦୁଇ ଛାତ୍ରୀଙ୍କୁ କିଭଳି ଭାବେ ନ୍ୟାୟ ପ୍ରଦାନ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି।

# କୋମାରଣି ଜଙ୍ଗଲରେ ଲାଗିଲା ନିଆଁ


**କୋରାପୁଟ ୩/୩ (ନି.ପ୍ର):** ମଣ୍ଡିପୁଟ ପଞ୍ଚାୟତ ରାଣ୍ଡିଆମଗ୍ରାମ ୩୨୬ ନମ୍ବର ରାଜ୍ୟ ରାଜପଥ କୋଡ଼ରେ ଥିବା। ରଣ୍ଡିଆମଗ୍ରାମ ନିକଟରେ ଥିବା କମାରଣୀ ଜଙ୍ଗଲରେ ହୁତୁ ହୁତୁ ହଇ ଲାଗିଥିବା ନିଆଁ କୁ ଦେଖି କୋରାପୁଟର କିଛି ଶ୍ରଦ୍ଧାଳୁ କୁଟୁନିପଦର ଶିବମନ୍ଦିର ଦର୍ଶନକରି ନିଜଘରକୁ ଫେରୁଥିବା ସମୟରେ। ରାସ୍ତା ନିକଟରେ ଲାଗିଥିବା ନିଆଁକୁ ଦେଖି ସାଙ୍ଗେସାଙ୍ଗେ କୋରାପୁଟ ବନଖଣ୍ଡ ଅଧିକାରୀଙ୍କୁ ଖବର ଦେବା ସହ ଲାଗିଥିବା ନିଆଁ କୁ ନିଜେ ଆୟତ୍ତ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଜଙ୍ଗଲ ହେଉଛି ମଣିଷର ଏକ ଅଙ୍ଗ ଜଙ୍ଗଲ ବିନା ମଣିଷ ବଞ୍ଚିବା କେତେକୋଷ୍ଟ ଜଙ୍ଗଲ କୁ ସୁରକ୍ଷା ଦେବାର



ସମସ୍ତଙ୍କ କର୍ତ୍ତବ୍ୟ ଗଛ ବଞ୍ଚିଲେ ଆମେ ବଞ୍ଚିବା ଗଛୋଟିଆ ମା ପାଇଁ ମା କୁ ପାଳିପସି ବଞ୍ଚାଇ ରଖିବା ଗୋଟେ ପୁଅଙ୍କ କର୍ତ୍ତବ୍ୟ ।ଠିକ ସେହିପରି ଜଙ୍ଗଲ ଓ ପ୍ରାକୃତିକ ପରିବେ କୁ ସୁରକ୍ଷା ଦେବା ସବିଙ୍କ କର୍ତ୍ତବ୍ୟ। ଖରାଦିନରେ ବହୁତ ଜଙ୍ଗଲରେ ନିଆଁ ଲାଗିବାର ସମ୍ଭବନା ରହିତାଏ। ନିଆଁ ଲାଗିବା ଦେଖିବା ମାତ୍ରେ ନିଜ ଅଞ୍ଚଳରେ ଥିବା ବନସୁରକ୍ଷା ଅଧିକାଙ୍କୁ ଯୋଗାଯୋଗ କରିବା କିମ୍ବା ୧୧୨ ନମ୍ବର ଙ୍କୁ ଫୋନ୍ କରିବା ଓ ଲାଗିଥିବା ନିଆଁ କୁ ଆୟ କରିବା କୁ ନିଜେ ଜେଷ୍ଠା କରିବା କହିଛନ୍ତି ।ଶ୍ରଦ୍ଧାଳୁ କାଦବିନି ସେଠି।

# ଭାରସାମ୍ୟ ହରାଇ ଗଛକୁ ପିଟିଲା ବାଇକ: ଜଣେ ମୃତ, ଦୁଇ ଆହତ

**ମାଲକାନଗିରି,୩/୩ (ନି.ପ୍ର):** ଦୃତ ଗତି ରେ ଯାଉଥିବା ସମୟ ରେ ଭାରସାମ୍ୟ ହରାଇ ଗଛକୁ ପିଟିଲା ବାଇକ, ଦୁର୍ଘଟଣା ରେ ଜଣେ ଯୁବକର ମୃତ ଘଟିବା ସହିତ ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଛନ୍ତି । ମୃତକ ଯୁବକ ହେଲେ ପିଟାଗେଟା ଗ୍ରାମର ଗଗନ କୁମାର ବାଘ ଓ ଆହତ ହେଲେ ସେହି ଗ୍ରାମର ତୋଫାନ ବାଘ, କ୍ରିଷ୍ଣା କ୍ଷିତି ବୋଲି ଜଣାପଡିଛି, ପୁଲିସ ସୂଚନା ଅନୁଯାଇ ଆଜି ଅପରାହ୍ନ ରେ ମାଲକାନଗିରି ଜିଲ୍ଲା ସଦର ମହାକୁମା ଜିଲ୍ଲା ପରିଷଦ କାର୍ଯ୍ୟଳୟ ନିକଟ ବୁଲାଣି ରାସ୍ତା ରେ ଏହି ଦୁର୍ଘଟଣା ଘଟିଛି, ମାଲକାନଗିରି ଥାନା ସ୍ଥ ତୁମୁସାପାଲି ପଞ୍ଚାୟତ ପିଟାଗେଟା ଗ୍ରାମର ସୁରେଶ ବାଘ ଙ୍କ ପୁଅ ଗଗନ କୁମାର ବାଘ (୨୨), ସେହି ଗ୍ରାମର ତୋଫାନ ବାଘ ଓଁ କ୍ରିଷ୍ଣା କ୍ଷିତି (୮)ଗୋଟିଏ ହିରୋ ମଟର ସାଇକେଲ ରେ ଦୃତ ଗତି ରେ ମାଲକାନଗିରି ରୁ ନିଜ ଗାଁ କୁ ଫେରୁଥିଲେ,ଜିଲ୍ଲା ପରିଷଦ କାର୍ଯ୍ୟଳୟ ବୁଲାଣି ନିକଟ ରେ ମଟର ସାଇକେଲ ଟି ଭାରସାମ୍ୟ ହରାଇ ଏକ ଗଛଦେହ ରେ ଧକ୍କା ହୋଇଥିଲା,ଏହି ଦୁର୍ଘଟଣା ରେ ତିନିଜଣ ଛିଟିକି ପଡିଯାଇଥିଲେ, ବାଇକ ଆରୋହୀ ଗଗନ ଙ୍କ ମୁଣ୍ଡ ଓଁ ଛାତିରେ ଗୁରୁତର ଭାବେ ଆଘାତଲାଗିଥିବା ବେଳେ ତୋଫାନ ଓ କ୍ରିଷ୍ଣା ସାମାନ୍ୟ ଆହତ ହୋଇଥିଲେ, ସ୍ଥାନୀୟ ଲୋକେ ଥାନା କୁ ଫୋନ କରିବାରୁ ସଙ୍ଗେ ସଙ୍ଗେ ମାଲକାନଗିରି ଥାନା ପୁଲିସ ଘଟଣା ସ୍ଥଳ ରେ ପହଁଚି ଆହତ ମାନଙ୍କୁ ମାଲକାନଗିରି ଜିଲ୍ଲା ହସ୍ପିଟାଲ କୁ ନେଇ ଯାଇଥିଲେ, ହସ୍ପିଟାଲରେ ପହଁଚିବା ପରେ ଡାକ୍ତର ଗଗନ କୁ ମୃତ ଘୋଷଣା କରିଛନ୍ତି, ଅନ୍ୟ ଦୁଇଜଣ ଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯିଇଛି, ପୁଲିସ ମୃତ ଶରୀର ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି।



# ବାଲେଶ୍ୱର ଜିଲ୍ଲା ଟି ପି ଏନ ଓ ଡି ଏଲ ବସ୍ତା ଶାଖା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

**ବସ୍ତା ୩/୩ (ନି.ପ୍ର):** ବାଲେଶ୍ୱର ଜିଲ୍ଲା ଟି ପି ଏନ ଓ ଡି ଏଲ୍ ବସ୍ତା ଶାଖା ପକ୍ଷ ରୁ ବିଦ୍ୟୁତ୍ ସେକ୍ସନ ଅଫିସ ପ୍ରାଙ୍ଗଣ ରେ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ଡିଭିଜନ ସେକ୍ରେଟାରୀ ବ୍ରଜ ବିହାରୀ ବାଗ ଙ୍କ ଆହ୍ୱାନ କ୍ରମେ ଜୋନାଲ ସେକ୍ରେଟାରୀ ବଟକୃଷ୍ଣ ଜେନା, ହରିଶ ଚନ୍ଦ୍ର ଦାସ, ନିଗମା ନନ୍ଦ ରାଉତ, ବ୍ରଜବିହାରି ବାଗ,ମାନସ କୁମାର ନାୟକ, ଆଡ ଭାଇଜର ଅନିଲ କୁମାର ମହାନ୍ତି, ପ୍ରଦୀପ କୁମାର ଦାସ ପ୍ରମୁଖ ଯୋଗ ଦେଇ ବାଲେଶ୍ୱର ଜିଲ୍ଲାର ବସ୍ତା ବିଦ୍ୟୁତ୍ ଡିଭିଜନ ରେ ଶ୍ରମିକ ଅଶାନ୍ତି ଓ ଅଫିସର ମାନଙ୍କ ର କାର୍ଯ୍ୟ ରେ ଅସହଯୋଗ କୁ ନିନ୍ଦା କରିବା ସହିତ ଦାବୀ ଉପସ୍ଥାପନ କରିଥିଲେ ।ଲଙ୍ଗଳେଶ୍ୱର ବିଦ୍ୟୁତ୍ ବିଭାଗ ର ସେକ୍ସନ ଅଫିସର ସତ୍ୟଜିତ ପାଇକରାୟ କାର୍ଯ୍ୟଭାର ନେବା ଠାରୁ ବିଭିନ୍ନ ବେଆଇନ କାର୍ଯ୍ୟ କରି ଉପଭୋକ୍ତ ମାନଙ୍କୁ ଶୋଷଣ କରି ଚାଲିଛନ୍ତି , ଏଥିସହିତ କର୍ମଚାରୀ ମାନେ ତାଙ୍କର ମନମୁଖୀ କାର୍ଯ୍ୟ ନକଲେ କର୍ମଚାରୀ ମାନଙ୍କ ର ବଦଳି ପାଇଁ ସୁପାରିଶ ସହିତ ଦରମା ବନ୍ଦ କରୁଛନ୍ତି। ଏହାକୁ ନେଇ ମହାସଂଘ ପକ୍ଷ ରୁ ବାରମ୍ବାର ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କ ଠାରେ ଦାବୀ ଉପସ୍ଥାପନ କରିଥିଲେ । ଭିଜିଲାନ୍ସ ବିଭାଗ ଚାରି ମାସ ତଳେ ତଦନ୍ତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇନାହିଁ। ଯଦି ଆଗାମୀ ଦିନ ରେ ଏହାର କୌଣସି ପ୍ରତିକାର ନ ହୁଏ ତେବେ ଟାଟା ପାଓ୍ୱାର ବିରୋଧରେ ଏକ ଜନଆନ୍ଦୋଳନ ସୃଷ୍ଟି ହେବ ବୋଲି ଚେତାବନୀ ଦେଇଛି ସଂଘ। ତେବେ ଘଟଣା ବାବଦ ରେ ଲଙ୍ଗଳେଶ୍ୱର ସେକ୍ସନ ଅଫିସର ଘଟଣା କୁ ଅସ୍ୱୀକାର କରିଥିବା ବେଳେ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ରୁଦ୍ର ପ୍ରସାଦ ରଥ ଭିଜିଲାନ୍ସ ତଦନ୍ତ ଚାଲି ଥିବାରୁ କୌଣସି ପ୍ରତିକ୍ରିୟା ଦେଇନଥିଲେ, ପରନ୍ତୁ ବିଭାଗ ସହ ଆଲୋଚନା କରି ଆସନ୍ତା ଦଶ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ସଂପାଦକୀୟ

# ଗୀତା ପ୍ରବଚକ ଗାନ୍ଧୀ

ବିଶ୍ୱମାନବ ମହାତ୍ମା ଗାନ୍ଧୀ ହେଉଛନ୍ତି 'ଆଗ୍ରହର ଏକ ବିଶ୍ୱକୋଷ'। ଏହା କହିବାର ତାତ୍ପର୍ଯ୍ୟ ହେଉଛି ଯେ ପ୍ରକୃତିଠାରୁ ଆରମ୍ଭ କରି ପ୍ରଯୁକ୍ତି, ଶାସନଠାରୁ ସ୍ୱଚ୍ଛତା ଏବଂ ସାମାଜିକ ତତ୍ତ୍ୱଠାରୁ ଆରମ୍ଭ କରି ଭବିଷ୍ୟତ ଯାଏଁ ହୋଇଥିବା ଗାନ୍ଧୀଙ୍କ ନିଜସ୍ୱ ବିଶ୍ଳେଷଣ ସର୍ବକାଳୀନ ପ୍ରାସଙ୍ଗିକ। ଗାନ୍ଧିଜୀଙ୍କ ଅନେକ ଉତ୍ତମ ରଚନା ମଧ୍ୟରୁ ଭଗବତ ଗୀତା ଉପରେ ତାଙ୍କର ମନ୍ତବ୍ୟ ଏକ ସର୍ବୋତ୍ତମ ସାହିତ୍ୟ। ଯାହା ଭଗବତ ଗୀତାର ଦର୍ଶନ, ନୈତିକତା, ପ୍ରଯୁଜ୍ୟତା ଓ ବ୍ୟକ୍ତିର କର୍ତ୍ତବ୍ୟ ଏବଂ କାର୍ଯ୍ୟ ଉପରେ ପର୍ଯ୍ୟବସିତ। ୧୯୨୬ ମସିହା ଫେବ୍ରୁଆରି ୨୪ ତାରିଖଠାରୁ ନଭେମ୍ବର ୨୭ ତାରିଖ ଯାଏଁ ଗାନ୍ଧିଜୀ ସାବରମତୀ ଆଶ୍ରମରେ ଭଗବତ ଗୀତା ଉପରେ ସ୍ୱତଃସ୍ଫୂର୍ତ୍ତ ବ୍ୟାଖ୍ୟା କରୁଥିଲେ। ୯ ମାସର ସେହି ପ୍ରବଚନଗୁଡ଼ିକ ଗାନ୍ଧୀଙ୍କ ଅନ୍ତର୍ଦୃଷ୍ଟି ଉପରେ ଆଧାରିତ ଥିଲା। ଏଥିପାଇଁ ସେ ପୂର୍ବପ୍ରସ୍ତୁତି କରୁ ନ ଥିଲେ। ଏହିସବୁ ବ୍ୟାଖ୍ୟାକୁ ଲିପିବଦ୍ଧ କରୁଥିଲେ ଗାନ୍ଧିଜୀଙ୍କ ଘନିଷ୍ଠ ସହଯୋଗୀ ମହାଦେବ ଦେଶାଇ ଏବଂ ସାବରମତୀ ଆଶ୍ରମର ପୁଞ୍ଜାଭାଇ ଶାହା। ଏହାବ୍ୟତୀତ ଭଗବତ ଗୀତାକୁ ସଂସ୍କୃତରୁ ଗୁଜୁରାଟୀ ଭାଷାକୁ ଅନୁବାଦ କରିଥିଲେ ଗାନ୍ଧିଜୀ। କାହାଣୀ, ପରିସ୍ଥିତିର ପ୍ରାସଙ୍ଗିକତା ଏବଂ ବାର୍ତ୍ତାଳାପ ମାଧ୍ୟମରେ ଆଶ୍ରମର ଅନ୍ତେବାସୀଙ୍କୁ ଗୀତାର ସାରମର୍ମ ବୁଝାଉଥିଲେ ମହାତ୍ମା। ୧୯୨୯ ମସିହା ଜୁନ ୨୪ ତାରିଖ, ଆଲମୋଡ଼ାରେ ଗୀତାର ପ୍ରସ୍ତାବନା ଅଂଶକୁ ଅନୁବାଦ ଶେଷ କରିଥିଲେ ଗାନ୍ଧିଜୀ। ହିନ୍ଦୀ, ବଙ୍ଗଳା ଓ ମରାଠୀ ଭାଷାରେ ମଧ୍ୟ ଏହାର ଅନୁବାଦ ହୋଇଥିଲା। ଏହା ପ୍ରଥମେ ପ୍ରକାଶିତ ହୋଇଥିଲା ୧୯୩୧ ମସିହା 'ୟଙ୍ଗ ଇଣ୍ଡିଆ'ର ଜୁନ ସଂକଳନରେ। ଏହାର ଶୀର୍ଷକ ଥିଲା 'ଅନାସକ୍ତି ଯୋଗ'। ଏହାବ୍ୟତୀତ ଗାନ୍ଧୀଙ୍କ ପ୍ରଦତ୍ତ ଗୀତାର ପ୍ରବଚନ କିଛି ପୁସ୍ତକ ମାଧ୍ୟମରେ ମଧ୍ୟ ପ୍ରକାଶିତ ହୋଇଛି। ବରିଷ୍ଠ ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ାଙ୍କ ମତରେ ବାଲ ଗଙ୍ଗାଧର ତିଳକ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଓ ଶ୍ରୀ ଅରବିନ୍ଦଙ୍କ ଭଗବତ ଗୀତା ବ୍ୟାଖ୍ୟା ସହ ଗାନ୍ଧିଜୀଙ୍କ କୃତି ତୁଳନୀୟ। ଜନନେତାଙ୍କ ଦ୍ୱାରା ଆତ୍ମଶକ୍ତି ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଗୀତା ପ୍ରବଚନର ପ୍ରୟୋଗ ସମଗ୍ର ବିଶ୍ୱ ପାଇଁ ଅନନ୍ୟ ଘଟଣା।

ଗାନ୍ଧୀଙ୍କ ମତରେ ମହାଭାରତ- ମହାକାବ୍ୟରେ ମନୁଷ୍ୟ ଭିତରେ ଥିବା ଉଭୟ କୌରବ ଓ ପାଣ୍ଡବମାନଙ୍କ ଯୁଦ୍ଧକୁ ବର୍ଣ୍ଣନା କରାଯାଇଛି। ଏହା ଭଲ-ମନ୍ଦ, ପାପ-ପୁଣ୍ୟର ଅଗଣିତ ଶକ୍ତି ମଧ୍ୟରେ ହେଉଥିବା ନିରନ୍ତର ସଂଘର୍ଷ, ଯାହା ପରିଶେଷରେ ବ୍ୟକ୍ତିର ଗୁଣ ଏବଂ ଦୁର୍ବଳତା ଭାବରେ ପରିଚିତ ହୋଇଯାଏ। ସାଧାରଣ ବ୍ୟକ୍ତି ନିମନ୍ତେ ଗୀତାର ଅର୍ଥ ହେଉଛି ଯେ ନିଜ ହାତକୁ ନେଇଥିବା କାର୍ଯ୍ୟ ବା ସ୍ଥିର କରିଥିବା କୌଣସି ଲକ୍ଷ୍ୟକୁ ମଝିରେ ଛାଡ଼ିବା ଉଚିତ୍ ? ? ନୁହେଁ। ଗାନ୍ଧିଜୀଙ୍କ ଏହି ଗୀତାମନ୍ତ୍ର ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷ ଏବଂ ସମାଜକୁ ପରିବର୍ତ୍ତନ ପାଇଁ ପ୍ରଚେଷ୍ଟା କରୁଥିବା ଯୁବବର୍ଗ ପାଇଁ ଏକ ସଞ୍ଜୀବନୀ ସଦୃଶ ଥିଲା। ଏହାର ପ୍ରାସଙ୍ଗିକତା ଏବେ ମଧ୍ୟ ଅଛି ଏଥିରେ ଦ୍ୱିମତ ନାହିଁ। ଭଗବତ ଗୀତାର ବାର୍ତ୍ତା ବିଷୟରେ ଗାନ୍ଧିଜୀ ଆଲୋଚନା ଆଳରେ କହିଛନ୍ତି ଯେ ଗୀତା ଶାରୀରିକ ଯୁଦ୍ଧ ବା ରକ୍ତପାତ ବିଷୟରେ ନୁହେଁ, ବରଂ ଏକ ଆଭ୍ୟନ୍ତରୀଣ ଆଧ୍ୟାତ୍ମିକ ସଂଘର୍ଷର ସମାଧାନ। ମହାଭାରତ କେବେ ବି ଯୁଦ୍ଧର ମହିମା ଗାନ କରେନାହିଁ ବରଂ ଏହାର ନିରର୍ଥକତାକୁ ଦର୍ଶାଇଛି। ଭଗବତ ଗୀତାରେ ଶ୍ରୀକୃଷ୍ଣ ହେଉଛନ୍ତି ପୂର୍ଣ୍ଣତା ଏବଂ ଜ୍ଞାନର ପ୍ରତିମୂର୍ତ୍ତି। ହିନ୍ଦୁ ଧର୍ମରେ ଯେଉଁମାନେ ମାନବିକତାର ଅସାଧାରଣ ସେବା କରନ୍ତି ସେମାନଙ୍କୁ ଅବତାର କୁହାଯାଏ। ଅବତାରରେ ବିଶ୍ୱାସ ହେଉଛି ଭାରତୀୟଙ୍କ ଆଧ୍ୟାତ୍ମିକ ଅଭିଳାଷର ପ୍ରତିଫଳନ। ଗୀତା ହେଉଛି ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ସମ୍ବଳିତ ଏକ ପ୍ରୟୋଗ ଶାସ୍ତ୍ର। ଗାନ୍ଧିଜୀଙ୍କ ମତରେ ଭଗବତ ଗୀତାର ଦୁଇଟି ପ୍ରମୁଖ ଧାରଣା ହେଉଛି ତ୍ୟାଗ ଓ ବଳିଦାନ। ପ୍ରାଚୀନ ଯୁଗରେ ବଳିଦାନର ଅର୍ଥ ସୀମିତ ଥିଲା। କିନ୍ତୁ ଗୀତାରେ ଏହାକୁ ଏକ ବିକଶିତ ଅର୍ଥ ବା ତ୍ୟାଗ ଭାବେ ବର୍ଣ୍ଣନା କରାଯାଇଛି, ଯାହା ସେବା ଓ ଭକ୍ତିର ଢାଞ୍ଚା ଉପରେ ଦଣ୍ଡାୟମାନ। ଗାନ୍ଧୀଙ୍କ ମତ ଅନୁଯାୟୀ ଅହିଂସାର ସମ୍ପୂର୍ଣ୍ଣ ଅନୁସରଣ ଦ୍ୱାରା ହିଁ ପ୍ରକୃତ ତ୍ୟାଗ ସମ୍ଭବ। ସେହିପରି ସନ୍ନ୍ୟାସର ଅର୍ଥ ସମ୍ପୂର୍ଣ୍ଣ ନିଷ୍କ୍ରିୟତା ନୁହେଁ, ବରଂ କାର୍ଯ୍ୟ ଓ ବିରାଗର ଏକ ସନ୍ତୁଳନ।

ଗାନ୍ଧୀ ଦୃଢ଼ ଯୁକ୍ତି ବାଢ଼ନ୍ତି ଯେ ଭଗବତ ଗୀତା ଆମର ଦୈନନ୍ଦିନ ଜୀବନରେ ଧାର୍ମିକ ନୀତିଗୁଡ଼ିକୁ ସମନ୍ୱିତ କରିଥାଏ। ଲୋଭ, ଆସକ୍ତି ଓ ଆକର୍ଷଣ ସହିତ କରାଯାଇଥିବା କାର୍ଯ୍ୟଗୁଡ଼ିକ ହେଉଛି ସମସ୍ୟାଜନକ। ଅପରପକ୍ଷେ ନିଃସ୍ୱାର୍ଥପର କାର୍ଯ୍ୟ ଆଧ୍ୟାତ୍ମିକ ଶ୍ରେଣୀଭୁକ୍ତ। ଗୀତାରେ ବର୍ଣ୍ଣିତ ସତ୍ୟ ଓ ଅହିଂସାକୁ ମୂଳପିଣ୍ଡ ଭାବେ ଗ୍ରହଣ କରି ଗାନ୍ଧୀ କହିଛନ୍ତି ଯେ ପୁରସ୍କାର ବା ପ୍ରତିଫଳ ପାଇଁ ଇଚ୍ଛା ଅନେକ ସମୟରେ ଆମକୁ ଅସତ୍ୟ ଓ ହିଂସା ବାଟରେ ନେଇଯାଏ। ପ୍ରୟାସର ପରିତ୍ୟାଗ ବାର୍ତ୍ତା ନୁହେଁ, ବରଂ ଆକାଂକ୍ଷାର ତ୍ୟାଗ କଥା କୁହେ ଭଗବତ ଗୀତା।

ଅହିଂସା ଉପରେ ଧ୍ୟାନ ଦେଇ ଗାନ୍ଧିଜୀ ଗୀତା ପଠନକୁ ଉଭୟ ବ୍ୟକ୍ତିଗତ ଆଚରଣ ଏବଂ ସାମାଜିକ କାର୍ଯ୍ୟ ପାଇଁ ଏକ ମୌଳିକ ନୀତି ଭାବେ ବିବେଚନା କରୁଥିଲେ। ବିଶେଷକରି ଉପନିବେଶବାଦୀ ଶାସନ ବିରୋଧରେ ସଂଘର୍ଷ ଓ ନୈତିକ ଦ୍ୱନ୍ଦ୍ୱକୁ ଅହିଂସାତ୍ମକ ଢଙ୍ଗରେ ସମାଧାନ କରିବା ପାଇଁ ଗୀତା ଏକ ଢାଞ୍ଚା ପ୍ରଦାନ କରିଥିଲା ବୋଲି ସେ ଦୃଢ଼ ବିଶ୍ୱାସ କରୁଥିଲେ। ଭଗବତ ଗୀତାରେ ଉଲ୍ଲେଖ ଥିବା ଭକ୍ତିର ଧାରଣା ବିଷୟରେ ଗାନ୍ଧୀ ଅତି ସରଳରେ ବ୍ୟାଖ୍ୟା କରିଛନ୍ତି। ଭକ୍ତି ଭାବନାର ଅର୍ଥ ଅନ୍ଧବିଶ୍ୱାସ କିମ୍ବା ବାହ୍ୟ ରୀତିନୀତି ନୁହେଁ, ବରଂ ଏହା ନିଃସ୍ୱାର୍ଥପରତା ଓ ସମାନତାର ଏକ ଆଧ୍ୟାତ୍ମିକ ଅବସ୍ଥା। ଭକ୍ତି ଓ ନିଷ୍ଠା ପାଇଁ କେବଳ ବୌଦ୍ଧିକ ବିକାଶ ପର୍ଯ୍ୟାପ୍ତ ନୁହେଁ। ଗାନ୍ଧୀଙ୍କ ଦୃଢ଼ୋକ୍ତି ଥିଲା ଯେ ତାତ୍ତ୍ୱିକ ଶିକ୍ଷା ପରିବର୍ତ୍ତେ ଶୃଙ୍ଖଳିତ ବ୍ୟବହାର ଓ ନିଃସ୍ୱାର୍ଥପରତା ଦ୍ୱାରା ହିଁ ପ୍ରାପ୍ତ କାର୍ଯ୍ୟରେ ସମ୍ପୂର୍ଣ୍ଣ ଶାନ୍ତି ମିଳିଥାଏ। ସାବରମତୀ ଆଶ୍ରମର ଅନ୍ତେବାସୀଙ୍କୁ 'ଅଧର୍ମ'ର ଅର୍ଥ ବୁଝେଇବାକୁ ଯାଇ ଗାନ୍ଧୀ ବର୍ଣ୍ଣନା କରିଥିଲେ ଯେ ଗୀତା ବ୍ୟାବହାରିକ ଜୀବନ ସହିତ ଜଡ଼ିତ। ଯେଉଁ ଧର୍ମ ବ୍ୟାବହାରିକ ଆବଶ୍ୟକତା ପୂରଣ କରେ ନାହିଁ ତାହା ହିଁ ଅଧର୍ମ। ଉଦାହରଣ ମାଧ୍ୟମରେ ଗାନ୍ଧୀ କହିଲେ 'ବର୍ଷା ପାଇଁ ପ୍ରକୃତିର ସୁରକ୍ଷା ଆବଶ୍ୟକ। ପଶୁବଳି ଦେଲେ ବର୍ଷା ହୁଏ ନାହିଁ। ଏହା ଅଧର୍ମ ଏବଂ ଏହି ବ୍ୟବହାର ପରିବର୍ତ୍ତନ ପାଇଁ ଜ୍ଞାନର ଆବଶ୍ୟକତା ଅତ୍ୟନ୍ତ ଜରୁରୀ।'

ଗାନ୍ଧିଜୀ ସାବରମତୀରେ ପ୍ରବଚନ ବା ଗୁଜୁରାଟୀ ଭାଷାର ଅନୁବାଦ ବ୍ୟତୀତ ନିଜ ଚିଠି ମାଧ୍ୟମରେ ମଧ୍ୟ ଗୀତା ବାଣୀର ପ୍ରଚାର ଓ ପ୍ରସାର କରୁଥିଲେ। ୧୯୩୩ ହରିଜନ ପଦଯାତ୍ରା ସମୟରେ କସ୍ତୁରବାଙ୍କ ଅନୁରୋଧ ରକ୍ଷା କରି ପ୍ରତି ସୋମବାର ଚିଠି ଲେଖୁଥିଲେ ମୋହନଦାସ। କସ୍ତୁରବାଙ୍କୁ ଦେଉଥିବା ଚିଠିରେ ଭକ୍ତି, ସେବା, ସମର୍ପଣ, ସାହସ ଓ ତ୍ୟାଗ ଭଳି ଗୀତାବାଣୀର ସାରାଂଶ ଥିଲା। ଗୀତା ବିଷୟରେ ଗାନ୍ଧିଜୀଙ୍କ ବ୍ୟାଖ୍ୟା କେବଳ ବ୍ୟକ୍ତିଗତ ନୈତିକତା ନଥିଲା। ଏହା ଭାରତର ସ୍ୱାଧୀନତା ସଂଗ୍ରାମ ସମୟର ରାଜନୈତିକ ରଣନୀତି ବିଷୟରେ ମଧ୍ୟ ସୂଚନା ଦେଉଥିଲା। ଗାନ୍ଧୀ ବିଶ୍ୱାସ କରୁଥିଲେ ଯେ ଉପନିବେଶବାଦୀ ଶାସନ ବିରୁଦ୍ଧରେ ଏକାଠି ହେବାକୁ ହେଲେ ଲୋକଙ୍କୁ ସାମାଜିକ-ରାଜନୈତିକ ପରିପ୍ରେକ୍ଷୀରେ ନିଜର କର୍ତ୍ତବ୍ୟ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାବରମତୀ ଆଶ୍ରମରେ ଗୀତା ଉପରେ ମହାତ୍ମାଙ୍କ ବକ୍ତବ୍ୟ ହିଂସା ଓ ଅହିଂସା ମଧ୍ୟରେ ପରସ୍ପର ସମ୍ପର୍କ ଉପରେ ଆଲୋକପାତ କରିବା ସହ ସ୍ୱାଧୀନତା ସଂଗ୍ରାମରେ ନୈତିକ ଦିଗକୁ ଚିହ୍ନିବାକୁ ଅନୁଗାମୀମାନଙ୍କୁ ଆହ୍ୱାନ ଦେଉଥିଲା। ପ୍ରତିକୂଳ ପରିସ୍ଥିତିରେ ଭଗବତ ଗୀତାକୁ ସାନ୍ତ୍ୱନା ଓ ମାର୍ଗଦର୍ଶନର ଉତ୍ସ ବୋଲି ଗାନ୍ଧିଜୀ ବାରମ୍ବାର କହୁଥିଲେ ଏବଂ ମନ୍ତବ୍ୟ ଦେଇଥିଲେ ଯେ ଯେତେବେଳେ ବି ସେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ଗୀତା ଉଭୟ ଉତ୍ତର ଓ ସମାଧାନର ବାଟ ଦେଖାଇଥାଏ।

ଗୀତାର ଶିକ୍ଷା କେବଳ ଏକ ପୁସ୍ତକରେ ସଂରକ୍ଷିତ ରହିବା ପାଇଁ ଉଦ୍ଦିଷ୍ଟ ନୁହେଁ। ସେହି ଶିକ୍ଷାକୁ କାର୍ଯ୍ୟରେ ପ୍ରତିଫଳନ କରିବା ସହ ଅଭ୍ୟାସରେ ଲାଗୁ କରିବା ମଧ୍ୟ ଜରୁରୀ। ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଓ କାର୍ଯ୍ୟକୁ ଗଢ଼ି ତୋଳିବାରେ ଭଗବତ ଗୀତା ପ୍ରମୁଖ ଭୂମିକା ନିର୍ବାହ କରିଥିଲା। ଗୀତାକୁ ପାଥେୟ କରି ଗାନ୍ଧିଜୀ ନୈତିକ ନୀତିରେ ଆଧାରିତ ଏକ ସାମାଜିକ ନ୍ୟାୟସମ୍ପନ୍ନ ଦୃଷ୍ଟିକୋଣକୁ ପ୍ରୟୋଗ କରିଥିଲେ। ଗାନ୍ଧୀଙ୍କ ମତରେ 'ଯେତେବେଳେ ଆମର ପେଟ ଯନ୍ତ୍ରଣା ହୁଏ, ଆମେ ଘରୋଇ ଉପଚାର ପୁସ୍ତକର ପରାମର୍ଶ ନେଇ ଔଷଧ ବ୍ୟବହାର କରିଥାଉ। ଠିକ ସେହିପରି ଭଗବତ ଗୀତା ହେଉଛି ଆମର ଆଧ୍ୟାତ୍ମିକକ ରୋଗ ପାଇଁ ଉଦ୍ଦିଷ୍ଟ ଏକ ଘରୋଇ ଉପଚାର ପୁସ୍ତକ। ଆସନ୍ତୁ ଗାନ୍ଧୀଙ୍କ ଭଳି ଆମ ଜୀବନରେ ମଧ୍ୟ ଗୀତାର ପ୍ରୟୋଗ କରିବା।

# ଶିକ୍ଷା ବିକାଶର ପରିମାପକ

ସାକ୍ଷରତା ଓ ଶିକ୍ଷାରସ୍ତର ବିକାଶର ପରିମାପକ। ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ। ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବନାହିଁ। କାରଣ ଏହା ଉପରେ ମାନବ ସମ୍ବଳର ବିକାଶ ନିର୍ଭର କରେ। ଲୋକପ୍ରିୟ କାହାଣୀ କୁହେ – "ଯଦି ତୁମେ ଆଗାମୀ ଏକ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା ଠାରୁ ଉର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ଗଛ ଲଗାଇଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ"। ଏଥିରୁ ସାକ୍ଷରତାର ଗୁରୁତ୍ୱ ସ୍ପଷ୍ଟ ଅନୁମେୟ। ତେଣୁ କୌଣସି ଦେଶର ବାସ୍ତବ ବିକାଶ ସେ ଦେଶର ସାକ୍ଷରତା ସହ ଅଙ୍ଗାଙ୍ଗୀଭାବେ ଜଡିତ।

ସୂଚନାଯୋଗ୍ୟ ଯେ, ଦାରିଦ୍ର୍ୟ ଦୂରୀକରଣ, ଶିଶୁ ମୃତ୍ୟୁହାର ହ୍ରାସ, ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ, ପୁରୁଷ ମହିଳା ଲିଙ୍ଗାନୁପାତ ହ୍ରାସ ଓ ଉଚ୍ଚମାନର ଜୀବନଧାରଣର ମାନକୁ ସାକ୍ଷରତା ସିଧାସଳଖ ପ୍ରଭାବିତ କରେ। ବିଶେଷକରି କମ୍ପ୍ୟୁଟର, ଇଂଟରନେଟ୍, ମୋବାଇଲ, ହ୍ୱାଟସଆପ୍, ଫେସବୁକ୍ ଓ ଟ୍ୱିଟର ସମଗ୍ର ବିଶ୍ୱକୁ ଏକ ଛୋଟିଆ ଗାଁରେ ପରିଣତ କରିଥିବା ବେଳେ ସାକ୍ଷରତା ସହ ଦକ୍ଷତାର ଗୁରୁତ୍ୱ ଆହୁରି ବଢିଯାଇଛି। କାରଣ ଏହା କାର୍ଯ୍ୟ କୁଶଳତା ବୃଦ୍ଧି କରିବା ସହ ଜୀବନଧାରଣର ମାନକୁ ଉନ୍ନତ କରିଥାଏ। ଏବେବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଉର୍ଦ୍ଧ୍ୱ। ପ୍ରତି ପାଂଚ ଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର। ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଂଚିତ। କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ। ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ। ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ। ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ। କିନ୍ତୁ ବିଶ୍ୱର ସାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି। ଏକ ସର୍ବେକ୍ଷଣରୁ ଯଣାପଡିଛି ଯେ ଏବେବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଉର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି।

ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି। ଏପରିକି କାନାଡା, ନ୍ୟୁଜିଲାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ମଧ୍ୟ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ। ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ। ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୧୪ ପ୍ରତିଶତ ହୋଇଥିବା ବେଳେ ନାରୀ ସାକ୍ଷରତା ହାର ୬୫.୪୬ ପ୍ରତିଶତ। ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର। ସେହିପରି ଆମ ପ୍ରଦେଶ ଓଡ଼ିଶା

**ଅରବିନ୍ଦ ଦାସ**

କଥା ଚିନ୍ତାକଲେ ଅନ୍ୟ ରାଜ୍ୟ ତୁଳନାରେ ଆମେ ପଛରେ। କେରଳ ଓ ମିଜୋରାମରେ ସାକ୍ଷରତା ହାର ଯଥାକ୍ରମେ ୯୩.୯୧ ପ୍ରତିଶତ ଓ ୯୧.୬ ପ୍ରତିଶତ ହୋଇଥିବା ବେଳେ ବିହାରରେ ସର୍ବନିମ୍ନ ସାକ୍ଷରତା ହେଉଛି ୬୩.୮୨%। ଆମ ଓଡିଶାର ସାକ୍ଷରତା ହାର ୭୩.୫ ପ୍ରତିଶତ ଯାହାକି ଜାତୀୟ ହାର ଠାରୁ କମ୍। ଏମାନଙ୍କ ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୪ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୬୪.୩୬ ପ୍ରତିଶତ।

ମାନବ ଜାତିର ସର୍ବାଙ୍ଗୀନ ବିକାଶର ଉତ୍ସ ହେଉଛି ଶିକ୍ଷା। ପ୍ରତ୍ୟେକ ମଣିଷକୁ ଶିକ୍ଷାର ଅଙ୍ଗନକୁ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି। ଏସବୁ ସତ୍ତ୍ୱେ ବିଶ୍ୱ ସ୍ତରରେ ପ୍ରତି ୫ଜଣ ବୟସ୍କଙ୍କ ମଧ୍ୟରେ ଜଣେ ଅଶିକ୍ଷିତ ଅଛନ୍ତି। ଆମ ଦେଶ ଓ ରାଜ୍ୟ କଥା ଆହୁରି ତଦ୍ରୂପ। ଏହି ସମସ୍ୟାର ସମାଧାନ ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଭାରତ ସରକାର ବହୁଚର୍ଚ୍ଚିତ ପ୍ରୌଢ ଶିକ୍ଷା କାର୍ଯ୍ୟକ୍ରମ ଓ ୧୯୮୭ ମଇ ମାସ ୫ ତାରିଖରୁ ଦେଶରେ ସାକ୍ଷରତା ମିଶନ୍ କାର୍ଯ୍ୟକାରୀ ହେଉଛି। ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ସାକ୍ଷରତା ଯୋଜନା, ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି। ସେହିପରି ଓଡ଼ିଶା ସରକାର ୨୦୦୨ ମସିହାରୁ ସର୍ବଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଛନ୍ତି। ଭାରତ ସରକାର ୨୦୦୯ ମସିହାରେ ଐତିହାସିକ ଶିକ୍ଷା ଅଧିକାର ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି। ଏହାଦ୍ୱାରା ୬ ରୁ ୧୪ ବର୍ଷ ବୟସର ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭର ସୁଯୋଗ ପାଇବାର ଲକ୍ଷ୍ୟ ରଖାଯାଇଛି। ଏକ ହିସାବରୁ ଜଣାଯାଏ ଓଡ଼ିଶାରେ ମଧ୍ୟ ମୋଟ ୬୮ ଲକ୍ଷ ୨୮ ହଜାର ୩୫୭ ଜଣ ଶିଶୁଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୧୪୭ ଜଣ ପିଲା ସ୍କୁଲ ଦୁଆରମୁହଁ ମାଡିନାହାଁନ୍ତି।

ସବୁଠୁ ବଡ କଥା ହେଉଛି ନାରୀ ସାକ୍ଷରତା କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ନୁହେଁ। ଗୋଟିଏ ଲୋକକଥା ଅଛି – "ଝିଅ ହେଲେ ପାଠୋଇ, ଦେଶ ଯିବ ଆଗେଇ"। ଦିନେ କେବେ ବ୍ୟାସକବି ଫକିର ମୋହନଙ୍କ ଆଖି ଦେଖା କଥାରେ ପାଠପଢି ବସିଥିବା ଝିଅ ରେବତୀକୁ ତା ବୁଢୀ ମା କହିଥିଲା – ରେବତୀ ପାଠ ପଢିବ ! ଘର ଉଜୁଡି ଯିବ। ହେଲେ ରେବତୀ ଆଜି ଅର୍ଗଳିରୁ ବାହାରି ଯାଇ ପାଠ ପଢିଛି। ପୁଅମାନଙ୍କ ସହ ତାଳ ଦେଇ ଅନେକରେ ଏକ ହୋଇଛି। ତଥାପି ସଂଗ୍ରାମ ସରିନାହିଁ। ନାରୀଶିକ୍ଷାର ପ୍ରସାର ଓ ପ୍ରଚାର ପାଇଁ ଅଂଟାଭିଡି ବାହାରିଥିବା ମଲାଲାକୁ ତାଲିବାନଙ୍କ ଗୁଳିମାଡର ଆଘାତ ସହିବାକୁ ପଡିଛି। ଆଜି ବି ବିଶ୍ୱର ବିଭିନ୍ନ ଦେଶରେ ପୁରୁଷ ସାକ୍ଷରତା ତୁଳନାରେ ନାରୀ ସାକ୍ଷରତା ହାର ପଛରେ ରହିଛି। ସମଗ୍ର ବିଶ୍ୱରେ ନାରୀ ସଶକ୍ତିକରଣର ସ୍ଲୋଗାନ ଦିଆଯାଉଥିବା ବେଳେ ନାରୀ ସାକ୍ଷରତା ହାର ବୃଦ୍ଧି କରାଯିବା ଉପରେ ଅଗ୍ରାଧିକାର ଦିଆଯିବା ଉଚିତ୍। କାରଣ ନାରୀ ଜାଗିଲେ, ପରିବାର ଜାଗିବ, ପରିବାର ଜାଗିଲେ, ଦେଶ ଜାଗିବ ଓ ଦେଶ ଜାଗିଲେ, ବିଶ୍ୱ ଜାଗିବ। ଏକଥା ଆମକୁ ମନେ ରଖିବାକୁ ହେବ। ନିରକ୍ଷରତା ଏକ ସାମାଜିକ ବ୍ୟାଧି। ଏହାକୁ ନିଶ୍ଚିନ୍ତ ହଟାଇବାକୁ ହେବ। କୁହାଯାଏ- "ପଢିଲେ ଜାଣିବା, ଜାଣିଲେ ଜିଣିବା"। ସାକ୍ଷରତା ଦକ୍ଷତା ବିକାଶରେ ସହାୟକ ହୋଇଥାଏ। ତେଣୁ ସାକ୍ଷରତା ସହ ଦକ୍ଷତାର ବିକାଶ ନିମନ୍ତେ ନିରନ୍ତର ପ୍ରୟାସ ଏକାନ୍ତ ଅପରିହାର୍ଯ୍ୟ। ଏ କ୍ଷେତ୍ରରେ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

# ସମ୍ମାନ ପାଇବାକୁ ହକ୍‌ଦାର

ଈଶ୍ୱର ପ୍ରତ୍ୟେକଙ୍କ ନିକଟରେ କିଛି ନା କିଛି ପ୍ରତିଭା ଦେଇଛନ୍ତି। ସେଥିପାଇଁ କୁହାଯାଏ ଫୁଲର ବାସ୍ନାଥିଲେ ସେ ମହକିବ ଆଉ ପ୍ରତିଭାଥିଲେ ତାର ଉନ୍ମେଷ ଘଟିବ। ପ୍ରତିଭାର ବିକାଶପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଅତୀତରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦେବାର ପରମ୍ପରା ମଧ୍ୟ ଥିଲା ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରତିଭାଧରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା। ଏପରିକି ରାଜରାଜୁଡା ଶାସନରେ ବି କବି, ସାହିତ୍ୟିକ, ଚିତ୍ରକର, କଳାକାର, ସଙ୍ଗୀତଜ୍ଞ, ନୃତ୍ୟ ବିଶାରଦ ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଉଥିଲା। ସେଇଥିପାଇଁ ତ ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜସଭାରେ ନବରତ୍ନ ତାଙ୍କ ରାଜସଭାକୁ ମହିମାମଣ୍ଡିତ କରିଥିଲେ। କାଳିଦାସଙ୍କ ଠାରୁ ଆରମ୍ଭ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପର୍ଯ୍ୟନ୍ତ –ସବୁଠି ସମ୍ବର୍ଦ୍ଧନାର ଏକ ଉଜ୍ଜ୍ୱଳ ପରମ୍ପରା ଥିଲା।

ମାତ୍ର ଏବେ ସମାଜର ଢଙ୍ଗ ବଦଳିଗଲାଣି। ସବୁଠି ପ୍ରତିଷ୍ଠା ହାସଲ ପାଇଁ ଚାଲିଛି ଜୋରସୋର୍ ଉଦ୍ୟମ। ଯେମିତି ହେଉ ପଛେ, ମାନପତ୍ର ଟିଏ ମିଳୁ। ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସକ, କବି, ସାହିତ୍ୟିକ, ଗାଳ୍ପିକ, ନାଟ୍ୟକାର, କଳାକାର, ସାମ୍ବାଦିକ, ଶିକ୍ଷକ, କ୍ରୀଡାବିତ୍ ଓ ଅଭିନେତା ସମସ୍ତେ ଏଇ ଦୌଡରେ ସାମିଲ ହୋଇଛନ୍ତି। ଏହାକୁ ଲକ୍ଷ୍ୟ ରଖି ସଂପ୍ରତି ବିଭିନ୍ନ ପ୍ରକାରର ସାହିତ୍ୟ, ସାଂସ୍କୃତିକ, ସାମାଜିକ ଓ ଭିନ୍ନ ଭିନ୍ନ ସଂଗଠନ ସୃଷ୍ଟି ହେଲାଣି। ସୃଷ୍ଟି ହେବା ବି ଭଲ କଥା। କିନ୍ତୁ ଏଠି ସମ୍ବର୍ଦ୍ଧନା ଦେବାର ମାନିଆ ସୁନାମୀ ପରି ଗ୍ରାସ କରିଛି ସମସ୍ତଙ୍କୁ। ସମ୍ବର୍ଦ୍ଧନା ଦେବାପାଇଁ ସଂଗଠନ ଗୁଡିକ ମଧ୍ୟରେ ଯେତିକି ଆଗ୍ରହ, ସମ୍ବର୍ଦ୍ଧନା ନେଉଥିବା ବ୍ୟକ୍ତିର ମଧ୍ୟ ସେତିକି ଆଗ୍ରହ। ସତେ ଯେମିତି ସମ୍ବର୍ଦ୍ଧନା ଦେବା ଓ ନେବା ଏକ ନିଶା ପାଲଟି ଗଲାଣି। ଏପରିକି ଗୋଟିଏ ଗୋଟିଏ ସଭାରେ ପଚାଶ ଷାଠିଏ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯିବାର ଘଟଣାମାନ ଦେଖିବାକୁ ମିଳୁଛି। ଏହା କ'ଣ ସତରେ ପୂଜ୍ୟପୂଜା ପାଇଁ ଉଦ୍ଦିଷ୍ଟ। ଏହା ଦ୍ୱାରା ମାନପତ୍ରର ମାନ ହ୍ରାସ ପାଉଛି। ଆଜିକାଲି ସମାଜରେ ମାନପତ୍ର ଦେବା ଓ ପାଇବା ଖୁବ୍ ସହଜ ଓ ଶସ୍ତା ହୋଇଯାଇଥିବାରୁ ଅନେକ ସଂସ୍ଥା ଯୋଗ୍ୟତା ନଥିବା କିଛି ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ମାନପତ୍ର ପରି ମୂଲ୍ୟବାନ ପଦାର୍ଥର ମୂଲ୍ୟ ନଷ୍ଟ କରୁଛନ୍ତି।

ସମ୍ବର୍ଦ୍ଧନାର ଏକ ନିର୍ଦ୍ଦିଷ୍ଟ ମାନ ରହିବା ଦରକାର। ତାହେଲେ ଯୋଗ୍ୟତମ ବ୍ୟକ୍ତି ଯୋଗ୍ୟତା ଅନୁରୂପ ସମ୍ବର୍ଦ୍ଧନା ପାଇବା ସୁଯୋଗ ସୃଷ୍ଟି ହେବ ଏବଂ ପ୍ରତିଭାକୁ ଯଥାରୀତି ସମ୍ମାନ ମିଳିବ। ତା ନ ହେଲେ ଧୁଆମୂଳା ଓ ଅଧୁଆମୂଳା ସବୁ ସମାନ ହୋଇଯିବେ। ଇଏ ତ ଗଲା ଗୋଟିଏ ଦିଗ। ଅନ୍ୟ ଦିଗଟି ହେଉଛି ସମ୍ବର୍ଦ୍ଧିତ କରୁଥିବା ଅନୁଷ୍ଠାନ ମଧ୍ୟ ନିରପେକ୍ଷ ରହିବା ବିଧେୟ। ଅନେକ ସମୟରେ ପ୍ରିୟାପ୍ରୀତି, ରାଜନୈତିକ ଚାପ ଓ ଆର୍ଥିକ ସହାୟତା ପ୍ରକୃତ ପ୍ରତିଭା ଚିହ୍ନଟ କରିବାରେ ବାଧକ ସାଜୁଛି। ଫଳରେ ଅନେକ ସମୟରେ ଯୋଗ୍ୟ ପ୍ରତିଭାଧର ବ୍ୟକ୍ତିମାନେ ସମ୍ବର୍ଦ୍ଧିତ ହେଉଥିବା ସୁଯୋଗରୁ ବଂଚିତ ହେଉଥିବା ବେଳେ ପ୍ରତିଭା ନଥାଇ ଆଉ କେତେକ ସହଜରେ ସମ୍ବର୍ଦ୍ଧନା ପାଇବାରେ ସଫଳ ହେଉଛନ୍ତି। ଏବେ ପୁଣି ଅର୍ଥ ଦେଇ ସମ୍ବର୍ଦ୍ଧିତ ହେବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି। ଏପରି ଅସୁସ୍ଥ ପରମ୍ପରା ସର୍ବଦା ପରିହାର କରିବା ଆବଶ୍ୟକ। ସେହିପରି ସଂଗଠନ ଗୁଡିକର

ପ୍ରତିଭାର ବିକାଶପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଅତୀତରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦେବାର ପରମ୍ପରା ମଧ୍ୟ ଥିଲା ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରତିଭାଧରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା। ଏପରିକି ରାଜରାଜୁଡା ଶାସନରେ ବି କବି, ସାହିତ୍ୟିକ, ଚିତ୍ରକର, କଳାକାର, ସଙ୍ଗୀତଜ୍ଞ, ନୃତ୍ୟ ବିଶାରଦ ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଉଥିଲା। ସେଇଥିପାଇଁ ତ ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜସଭାରେ ନବରତ୍ନ ତାଙ୍କ ରାଜସଭାକୁ ମହିମାମଣ୍ଡିତ କରିଥିଲେ। ଶିକ୍ଷକଟିଏ ଏଠି ରାଜ୍ୟ ପୁରସ୍କାର ଓ ରାଷ୍ଟ୍ରୀୟ ପୁରସ୍କାର ପାଇବା ପାଇଁ ନିଜେ ଆବେଦନ କରିଥାଏ। ସେ ନିଜେ ଭଲ ଓ ସେଥିପାଇଁ ସମ୍ମାନ ପାଇବାକୁ ହକ୍‌ଦାର ବୋଲି କହିବାକୁ ହୁଏ।

ଅଭିମୁଖ୍ୟ ମଧ୍ୟ ବିଚିତ୍ର। ଅନୁଷ୍ଠାନ ଗୁଡିକ ନିଜ ନିଜ ଅଂଚଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଦେବାର ମାନସିକତାରେ ନାହାଁନ୍ତି। ଗାଁ କନିଆଁ ସିଙ୍ଘାଣୀ ନାକି – ପରି ସେମାନେ ଅଲୋଡା, ଅଖୋଜା ହୋଇ ପଡି ରହିଛନ୍ତି ବଣମଲ୍ଲୀ ପରି। ସେହିପରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିମାନେ ମଧ୍ୟ କୌଣସି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ ହେବାପାଇଁ ଯିବା ପୂର୍ବରୁ ତାର ମାନ ଅନୁସାରେ ସମ୍ବର୍ଦ୍ଧିତ ହେବାର ମାନସିକତା ରଖିବା ଦରକାର। ତାହାହେଲେ ସମ୍ବର୍ଦ୍ଧନାର ଗୁରୁତ୍ୱ ଓ ପ୍ରାସଙ୍ଗିକତା ରହିବ।

**ବୀରଭଦ୍ର ସାମଲ**

ଆହୁରି ଆଶ୍ଚର୍ଯ୍ୟର କଥା ଭଲ ଶିକ୍ଷକଟିଏ ଏଠି ରାଜ୍ୟ ପୁରସ୍କାର ଓ ରାଷ୍ଟ୍ରୀୟ ପୁରସ୍କାର ପାଇବା ପାଇଁ ନିଜେ ଆବେଦନ କରିଥାଏ। ସେ ନିଜେ ଭଲ ଓ ସେଥିପାଇଁ ସମ୍ମାନ ପାଇବାକୁ ହକ୍‌ଦାର ବୋଲି କହିବାକୁ ହୁଏ। ଏହାଠାରୁ ବଳି ଲଜ୍ଜାକର କଥା କ'ଣ ଥାଇପାରେ ? ଏଥିନିମନ୍ତେ ପାଠ ଅପେକ୍ଷା ଶାଠ ଅଧିକ ଦରକାର। ସେଥିପାଇଁ ବିଭିନ୍ନ ପ୍ରମାଣପତ୍ର ଅଣନିଶ୍ୱାସୀ ହୋଇ ଧାଁ ଧପଡ କରି ଯୋଗାଡ କରିବାକୁ ହୁଏ କୃତୀ ଶିକ୍ଷକର ସମ୍ମାନ ପାଇବା ପାଇଁ। ଏବେ ପୁଣି ଜିଲ୍ଲା ସ୍ତରରେ ପୁରସ୍କୃତ କରିବା ପାଇଁ ବ୍ୟବସ୍ଥା ରହିଛି। ଏଥିପାଇଁ ସେମାନେ ଆବେଦନ ପତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବେ। ସେଇ ଏକା ବ୍ୟବସ୍ଥା। ଗୋଟିଏ ପୁରସ୍କାର ଓ ଖଣ୍ଡିଏ ମାନପତ୍ର ପାଇବା ପାଇଁ ବାରଦୁଆର ବୁଲି ଆବେଦନ କରିବାକୁ ହେବ। ବିଚରା ଶିକ୍ଷକଟିଏ ବୋଲି ସିନା ! ସେ ପୁଣି ମଣିଷ ତିଆରିକରେ, ଦେଶର ଭବିଷ୍ୟତମାନଙ୍କୁ ଗଢେ। ସମ୍ବର୍ଦ୍ଧନା ଦେବାର ଏ ବ୍ୟବସ୍ଥା କେବେ ବଦଳିବ କେଜାଣି ? ଶିକ୍ଷକର ପଦମର୍ଯ୍ୟାଦା ରକ୍ଷା ପାଇଁ କଣ ଆଉ କିଛି ବିକଳ୍ପ ବ୍ୟବସ୍ଥାରେ ଭଲ ଶିକ୍ଷକ ଚୟନ କରାଯାଇପାରନ୍ତା ନାହିଁ ? ଏ ଦିଗରେ ଗଭୀର ଭାବେ ଚିନ୍ତା କରିବାର ଅଛି। ଏବେ ପୁଣି ଆଉ ଏକ ରୋଗ ଆମକୁ ମାଡିବସିଲାଣି ତାହା ହେଉଛି କତିପୟ ବ୍ୟକ୍ତି ବିଶେଷ ଟଙ୍କା ଦେଇ ମୁଖ୍ୟଅତିଥି ଓ ଅତିଥି ହେବାର ଅସୁସ୍ଥ ପରମ୍ପରା। ଏଥିରେ ଆୟୋଜକ ବି ଖୁସି ଓ ଅତିଥି ହେଉଥିବା ବ୍ୟକ୍ତି ବି। ଆମକୁ ସବୁବେଳେ ମନେରଖିବାକୁ ହେବ ଯେ, ରାଜା ସିନା ପୂଜା ପାଏ ଆପଣା ଦେଶରେ ବିଦ୍ୱାନ ପୂଜା ପାଏ ଦେଶ ବିଦେଶରେ। ଗୁଣ ଥିଲେ ଜଣେ କେଉଁଠି ନା କେଉଁଠି ଉଚ୍ଚ ଆସନ ପାଇବ, ଏଥିରେ ଦ୍ୱିରୁକ୍ତି ନାହିଁ। ହେଲେ 'ମାଗି କଲ୍ୟାଣ, ଯାଚି ଓଲଖି' ସବୁଦିନିଆ ନୁହେଁ। ଏକଥା ଆମେ କେବେ ବୁଝିବା କେଜାଣି ?

ସବୁଠୁ ବଳି ପଡିଛି ଫଳକ ଲଗାଇ ତାକୁ ଉଦ୍‌ଘାଟନ କରିବାର ପରମ୍ପରା। ତାକୁ ନେଇ ପୁଣି ଅନେକ ସମୟରେ ରାଜନୀତି। ଫଳକ ଲଗାଇବା ପାଇଁ ଯେତିକି ଖର୍ଚ୍ଚ ହୁଏନି, ତାହା ଠାରୁ ଅଧିକ ଖର୍ଚ୍ଚ ହୁଏ ଏଥିପାଇଁ ଆୟୋଜିତ ହେଉଥିବା ସଭା ପାଇଁ। ଯୁଆଡେ ଗଲେ ସିଆଡେ ନାମ ଫଳକ। ସେଥିରେ ପୁଣି କାହା ନାମ ରହିବ ନ ରହିବ ସେଥିପାଇଁ ରାଜନୀତି ଛକାପଞ୍ଝା। ଦିନ ଥିଲା ନାମ ଫଳକଟି ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଫଳକଟି କାହା ଦ୍ୱାରା ଉଦ୍‌ଘାଟିତ ହୋଇଛି ଲୋକେ ତାକୁ ଆଗ୍ରହର ସହ ପଢୁଥିଲେ ଓ ଦେଖୁଥିଲେ। କିନ୍ତୁ ଅତି ପରିଚୟେ ଗୌରବ ନଷ୍ଟ ଅବସ୍ଥା ଆଜି ପରିଲକ୍ଷିତ ହେଉଛି ନାମ ଫଳକ କ୍ଷେତ୍ରରେ। ଯାହା ହୋଇଗଲା – ହୋଇଗଲା। ଅନ୍ତତଃ ଏଣିକି ଟିକେ ଆମ ଭିତରେ ସଚେତନତା ଆସୁ, ତାହା ନହେଲେ ଦିନ ଆସିବ ଚାରିଆଡେ ଖାଲି ଉଦ୍‌ଘାଟନ ଫଳକ ଥିବ। ଏବେ ପୁଣି ସ୍ଥାପିତ ପ୍ରତିମୂର୍ତ୍ତି ବ୍ୟତିରେକ ବଂଚିଥିବା ବ୍ୟକ୍ତି ବିଶେଷଙ୍କ ପ୍ରତିମୂର୍ତ୍ତି ତିଆରି କରିବା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଛି। ଖାଲି ସେତିକି ନୁହେଁ ଗାନ୍ଧି, ଉତ୍କଳମଣି, ଉତ୍କଳ ଗୌରବ ଉପାଧିରେ ଭୂଷିତ ଦେବା ପାଇଁ ଉପାଧିଧାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଏପରି ଘଟଣା ପରିଲକ୍ଷିତ ହେଉଛି। ଏହା ଭିତରେ ଅନେକ ଗାନ୍ଧି, ଉତ୍କଳମଣି ଓ ଉତ୍କଳ ଗୌରବ ସୃଷ୍ଟି କରିସାରିଲୁଣି। ଏପରି କରିବା ଦ୍ୱାରା ଆମେ ସେହି ମହାପୁରୁଷମାନଙ୍କର ଅବମାନନା କରୁନାହେଁତ ?

ସମ୍ପ୍ରତି ମହାମାରୀ କରୋନା ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି। ଏଥିପାଇଁ ସରକାରଙ୍କଠୁ ଆରମ୍ଭକରି ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷ ବଦାନ୍ୟତାର ହାତ ବଢାଇଛନ୍ତି। ସେଥିପାଇଁ ସେମାନେ ପ୍ରଶଂସାର ପାତ୍ର। ମାତ୍ର ଏବେ କେତେକସ୍ଥଳରେ ପତିପୟ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଏହି ବଦାନ୍ୟତା ଦେଖେଇବା ପଛରେ ନିଜକୁ ବିଜ୍ଞାପିତ କରିବାର ମାନସିକତା ରଖିବା ଶୋଭନୀୟ ନୁହେଁ। କୁହାଯାଏ- ଅପାତ୍ରେ ପରଶଂସା ଦାନ, କାଳେ ଅକାଳେ ମୂଲ୍ୟ ହୀନ। ଏଇଠି ମନେପଡେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ କଥା। ଶ୍ରୀମନ୍ଦିର ପ୍ରତିଷ୍ଠା ପରେ ଯେତେବେଳେ ସୃଷ୍ଟି କର୍ତ୍ତା ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କୁ ବର ମାଗିବାକୁ କହିଲେ ସେତେବେଳେ ଉତରରେ ସେ ଯାହା କହିଲେ ତାହା ହେଉଛି–'ଏ ମନ୍ଦିର ମୋ ବାପା ବା ଜେଜେବାପା କରିଥିଲେ ବୋଲି ମୋ ବଂଶରେ କେହି ନ ରୁହନ୍ତୁ'। ଏକଥା କହିବାର ତାତ୍ପର୍ଯ୍ୟ ହେଉଛି ବଦାନ୍ୟତା ବିଜ୍ଞାପିତ ହେବା ମାନସିକତା ଭିତରେ ହଜିଯାଉ। ସେହିପରି ଅପୂଜ୍ୟମାନଙ୍କୁ ପୂଜା କରିବାବେଳେ ପୂଜ୍ୟ ଲୋକମାନେ ବାଦ୍ ପଡିଯାଆନ୍ତୁ। ସମ୍ବର୍ଦ୍ଧନା ଓ ମାନପତ୍ର ଦେବାର ଭାବ ନିଆରା। ପୂଜ୍ୟପୂଜାର ଆଦର ମଧ୍ୟ ରହିବା ଦରକାର। କିନ୍ତୁ ମାନପତ୍ର ଦେବାର ଏକ ନିର୍ଦ୍ଦିଷ୍ଟ ମାନ ରହୁ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବାର ମାନସିକତା ସୃଷ୍ଟି ହେଉ। ଯାହାକି ଉପରପିଢି ପାଇଁ ଏକ ଆଦର୍ଶର ଭିତିଭୂମି ତିଆରି କରିବ।

# ଟ୍ରୋଲ୍ ହେଲେ ମାହିରା ଖାନ



ପାକିସ୍ତାନୀ ଅଭିନେତ୍ରୀ ମାହିରା ଖାନ ପ୍ରାୟତଃ ଚର୍ଚ୍ଚାରେ ରୁହନ୍ତି। ନିକଟରେ ତାଙ୍କ ଫିଲ୍ମ 'ଦି ଲିଜେଣ୍ଡ ଅଫ୍ ମୌଲା ଜଟ୍' ରିଲିଜ୍ ହୋଇଛି। ଯେଉଁଥିରେ ସେ ଫୱାଦ ଖାନଙ୍କ ସହ ନଜର ଆସିଛନ୍ତି। ଫିଲ୍ମଟିକୁ ଚାରିଆଡୁ ପ୍ରଶଂସା ମିଳୁଛି। କିନ୍ତୁ, ଅନ୍ୟପକ୍ଷରେ ମାହିରାଙ୍କୁ ଖୁବ୍ ଟ୍ରୋଲ୍ କରାଯାଉଛି। ପାକିସ୍ତାନୀ ୟୁଜର୍ସ କ୍ରମାଗତ ଭାବରେ ଅଭିନେତ୍ରୀଙ୍କୁ ଟାର୍ଗେଟ୍ କରୁଛନ୍ତି ଏବଂ ଏହାର କାରଣ ହେଉଛି ଅଭିନେତ୍ରୀ ସେୟାର କରିଥିବା ଏକ ଫଟୋ। ଏହି ଫଟୋ ଯୋଗୁଁ ୟୁଜର୍ସ ମାହିରାଙ୍କୁ ଖୁବ୍ ଶୁଣାଉଛନ୍ତି। ସୂଚନା ଅନୁସାରେ, ମାହିରା ବଲିଉଡର ରୋମାନ୍ସ କିଙ୍ଗ ଅର୍ଥାତ୍ ଶାହାରୁଖ ଖାନଙ୍କ ସହ 'ରଇସ୍'ରେ କାମ କରିଛନ୍ତି। ସେ ଏହି ଫିଲ୍ମରେ ଫିମେଲ୍ ଲିଡ୍ ରୋଲ୍‌ରେ ଥିଲେ। ରଇସ୍ ରେ ଶାହରୁଖଙ୍କ ସହ ରୋମାନ୍ସ କରି ମାହିରା ବହୁତ ଖୁସି ଥିଲେ ଏବଂ ଆଜି ମଧ୍ୟ ସେ ଏହି ଫିଲ୍ମରୁ ବାହାରି ପାରି ନାହାଁନ୍ତି। ମାହିରା ଶାହାରୁଖଙ୍କ ସହ ଫଟୋ ସେୟାର କରି କେଉଁ ସିନ୍ ଅଭିନେତାଙ୍କ ସହ ବାରମ୍ବାର କରିବାକୁ ଚାହୁଁଛନ୍ତି ବୋଲି କହିଛନ୍ତି। ମାହିରା ଟ୍ୱିଟର ମାଧ୍ୟମରେ ସମସ୍ତଙ୍କୁ ତାଙ୍କ ମନ କଥା କହିଛନ୍ତି। ସେ ⁄ବଷ୍ଟଲଙ୍କବଷସକ୍ସବ ସେସନ୍ ମାଧ୍ୟମରେ ଫ୍ୟାସନ୍ ସେସନ୍ ସେୟାର କରିଛନ୍ତି। ଯେଉଁଥିରେ ଜଣେ ୟୁଜର ତାଙ୍କୁ ଶାହାରୁଖ ଖାନଙ୍କ ସହ କେଉଁ ସିନ୍ ବାରମ୍ବାର କରିବାକୁ ଚାହୁଁଛନ୍ତି ବୋଲି ପଚାରିଛନ୍ତି। ଏହାର ଜବାବରେ ମାହିରା ଏକ ରୋମାଣ୍ଟିକ୍ ଫଟୋ ସେୟାର କରିଛନ୍ତି। ଏହି କାରଣରୁ ଅଭିନେତ୍ରୀଙ୍କୁ ଖୁବ୍ ଟ୍ରୋଲ୍ କରାଯାଉଛି। ଜଣେ ୟୁଜର୍ ଅଭିନେତ୍ରୀଙ୍କ ଫଟୋ ଉପରେ କମେଣ୍ଟ ଦେଇ ଲେଖିଛନ୍ତି- 'ଲଜ୍ଜା ଲାଗିବା କଥା।' ଅନ୍ୟ ଜଣେ ଲେଖିଛନ୍ତି- 'ନା ଲଜ୍ଜା ଆସେ ନା ଅଭିନୟ।' ମାହିରାଙ୍କୁ ଟ୍ରୋଲ କରି ଆଉ ଜଣେ ଲେଖିଛନ୍ତି- 'ଆପଣଙ୍କର ଏତେ ସମସ୍ତେ ପ୍ରଶଂସକ ଏବଂ ଆପଣ କେଉଁ ଖରାପ ଜିନିଷକୁ ପ୍ରମୋଟ୍ କରୁଛନ୍ତି। ଆଲ୍ଲାହା ଆପଣଙ୍କୁ ପଥ ଦେଖାନ୍ତୁ। ଆଉ କେତେ ବର୍ଷ ଜୀବନ ବଞ୍ଚିବାକୁ ପଡିବ, ଶେଷରେ ଜଣକୁ କବରକୁ ଯିବାକୁ ପଡିବ।

# ମୂଷା ପାଇଁ ନିର୍ଦ୍ଦେଶକ ପଦବୀ ସୃଷ୍ଟି

ଘରର ସାଧାରଣ ଶତ୍ରୁ ମୂଷାମାନଙ୍କୁ ଦମନ କରିବା ଲାଗି ଆମେରିକାର ନ୍ୟୁୟର୍କ ସହର ଜଣେ ନିର୍ଦ୍ଦେଶକ ଆବଶ୍ୟକ କରୁଛନ୍ତି। ଉପରୋକ୍ତ ଚାକିରି ନିମନ୍ତେ ଚଳିତ ସପ୍ତାହରେ ନ୍ୟୁୟର୍କ ସହର ମେୟରଙ୍କ କାର୍ଯ୍ୟାଳୟ ଜାରି କରିଥିବା ବିଜ୍ଞପ୍ତିରେ ଉଲ୍ଲେଖ କରିଛି: 'ସମଗ୍ର ସହର ନିମନ୍ତେ କୃଦନ୍ତ (ମୂଷା ଜାତୀୟ ପ୍ରାଣୀ) ବିନାଶକାରୀ ନିର୍ଦ୍ଦେଶକ' ଆବଶ୍ୟକ। ଉକ୍ତ ନିର୍ଦ୍ଦେଶକଙ୍କୁ ବେତନ ଭାବେ ବର୍ଷକୁ ୧୨୦,୦୦୦ ଡଲାରରୁ ୧୭୦,୦୦୦ ଡଲାର୍ ଦିଆଯିବ। ତାଙ୍କର କାମ ହେବ, ସହରରେ ଥିବା ମୂଷାମାନଙ୍କ ବିପକ୍ଷରେ ରଣକୌଶଳ ପ୍ରସ୍ତୁତ କରିବା, ପ୍ରକଳ୍ପ ପରିଚାଳନା କରିବା ଏବଂ ମୂଷିକ ଦମନ ଟିମ୍‌ର ନେତୃତ୍ୱ ଦେବା। ଉଲ୍ଲେଖଯୋଗ୍ୟ, ଏହି ନିର୍ଦ୍ଦେଶକ ପଦବୀକୁ 'ସିଟି ହଲ୍‌ରେ ଜଣେ ମୁଖପାତ୍ର' 'ମୂଷା ଜାର୍' (ପୂର୍ବେ ରୁଷ୍‌ର ରାଜାମାନଙ୍କୁ 'ଜାର୍' କୁହାଯାଉଥିଲା) ବୋଲି ଅଭିହିତ କରିଛନ୍ତି।



ଏହି ପଦବୀ ନିମନ୍ତେ ଆବେଦନ କରୁଥିବା ପ୍ରାର୍ଥୀମାନଙ୍କର 'ଅର୍ବାନ୍ ପ୍ଲାନିଙ୍ଗ୍'ରେ ଅଭିଜ୍ଞତା ଥିବ ଓ ସେ ଜଣେ ରକ୍ତପିପାସୁ ହୋଇଥିବେ। ଏହାଛଡ଼ା, ତାଙ୍କର ଆଭିଯାନିକ ଦକ୍ଷତା ବୃଦ୍ଧି କରିବା, ତଥ୍ୟାବଳି ସଂଗ୍ରହ କରିବା, ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ କରିବା, ବର୍ଜ୍ୟ ପରିଚାଳନା ଏବଂ ବହୁସଂଖ୍ୟାରେ ହତ୍ୟା କରିବାର ସାମର୍ଥ୍ୟ ଥିବା ଆବଶ୍ୟକ। ସୂଚନାଯୋଗ୍ୟ, ନ୍ୟୁୟର୍କ ହେଉଛି ଆମେରିକାର ଦ୍ୱିତୀୟ ମୂଷାବହୁଳ ନଗରୀ ବୋଲି କୀଟ ନିୟନ୍ତ୍ରଣକାରୀ କମ୍ପାନି 'ଅର୍କିନ୍' କହିଛି। ଗତ ଅକ୍ଟୋବର ମାସ ସୁଦ୍ଧା ନ୍ୟୁୟର୍କର ପରିମଳ ବିଭାଗ ୨୧,୬୦୦ ମୂଷା ଅଭିଯୋଗ ରିପୋର୍ଟ ହୋଇଛି ଜଣାପଡ଼ିଛି।

# କୃଷ୍ଣ ପ୍ରେମରେ ବାୟା ବିଦେଶିନୀ, ଦେଶ ଛାଡ଼ିଦେଲେ




ବାୟାଣୀ ସଜେଇ ଦେଲା ପ୍ରଭୁ ଶ୍ରୀକୃଷ୍ଣଙ୍କ ପ୍ରେମ। ନିଜ ଦେଶ, ସ୍ୱାମୀଙ୍କୁ ଛାଡ଼ି ପଶ୍ଚିମବଙ୍ଗରେ ନିଜର ନୂଆ ଠିକଣା କଲେ ରୁଷ୍‌ର ଜଣେ ମହିଳା। ସେ ଜଣେ ଭାରତୀୟ ଯୁବକଙ୍କୁ ପ୍ରେମ କରି ପଶ୍ଚିମବଙ୍ଗର ନଦିଆ ଜିଲ୍ଲାସ୍ଥିତ ମାୟାପୁର ସହରରେ ଆସି ପହଞ୍ଚିଛନ୍ତି। ଖାସ୍ କଥା ହେଉଛି, ଏହା ପୂର୍ବରୁ ମହିଳା ଜଣକ ଜଣେ ମୁସ୍‌ଲମାନ ଯୁବକଙ୍କୁ ବିବାହ କରିଥିଲେ। ମହିଳା ଜଣକ କହିଛନ୍ତି ଯେ ତାଙ୍କର ମୁସ୍‌ଲମାନ ସ୍ୱାମୀ ତାଙ୍କ ଉପରେ ମୁସ୍‌ଲମାନ ହେବାର ଚାପ ପକାଇଥିଲେ, ଯେଉଁଥିପାଇଁ ତାଙ୍କୁ ତାଙ୍କ ସ୍ୱାମୀଙ୍କୁ ଛାଡ଼ିବାକୁ ପଡ଼ିଲା। ରୁଷ୍‌ର ଏହି ମହିଳାଙ୍କ ନାମ ଶ୍ୱେତଲିନା ଓଟିଲେବା। ବୃତ୍ତିରେ ସେ ଜଣେ ଗ୍ରାଫିକ୍ ଡିଜାଇନର। ସେ ଅତୀତରେ ଜଣେ ମୁସ୍‌ଲ୍‌ମାନ ଯୁବକଙ୍କୁ ବିବାହ କରିଥିଲେ ଓ ସେମାନଙ୍କର ଏକ ପୁତ୍ର ସନ୍ତାନ ବି ଅଛି। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କ ମନରେ ଭଗବାନ କୃଷ୍ଣଙ୍କ ପ୍ରତି ଆକର୍ଷଣ ବଢ଼ିବାକୁ ଲାଗିଲା। ସେ ୨୦୧୨ ମସିହାରେ ପ୍ରଥମ କରି ଜଣେ କୃଷ୍ଣ ଭକ୍ତଙ୍କ ସହ ଭେଟ ହୋଇଥିଲେ। ଯେଉଁ କାରଣରୁ ତାଙ୍କ ସ୍ୱାମୀ ତାଙ୍କ ସହ ବାରମ୍ବାର ଝଗଡ଼ା କରିବାକୁ ଲାଗିଲେ। ସେ ଶ୍ୱେତଲିନାଙ୍କୁ କୃଷ୍ଣ ଭକ୍ତଙ୍କୁ ଭେଟ କରିବାକୁ ବାରଣ କରିବା ସହ ଇସ୍‌ଲାମ୍ ଗ୍ରହଣ କରିବାକୁ ଚାପ ପକାଉଥିଲେ। ସେହି କାରଣରୁ ଶ୍ୱେତଲିନା ତାଙ୍କ ସ୍ୱାମୀଙ୍କ ସହ ଝଗଡ଼ା କରି ସ୍ୱାମୀଙ୍କ ଘର ଛାଡ଼ିବା ପରେ ଆସି ନିଜ ବାପାମାଆଙ୍କ ପାଖରେ ରହୁଥିଲେ। ୨୦୧୬ ମସିହାରେ ସେ ଭାରତ ଆସିଥିଲେ। ତାପରେ ଦିନେ ତାଙ୍କ ସ୍ୱାମୀଙ୍କ ସହ ଅପୋସ ବୁଝାମଣାରେ ଦୁହେଁ ଅଲଗା ହେବା ନିଷ୍ପତ୍ତି ନେଇଥିଲେ। ତାପରେ ଶ୍ୱେତଲିନା ମାୟାପୁର ସହରରେ ନିଜ ପୁଅ ସହ ରହିବାକୁ ଲାଗିଲେ। ସେଠାରେ ସେ ରୋଶନ ଝା ନାମକ ଜଣେ ଯୁବକଙ୍କୁ ଭେଟିଲେ। ରୋଶନ ବି ଜଣେ କୃଷ୍ଣ ଭକ୍ତ ହୋଇଥିବାରୁ ଦୁହିଁଙ୍କ ମଧ୍ୟରେ ନିବିଡ଼ତା ବଢ଼ିଲା ଓ ପରବର୍ତ୍ତୀ ମୁହୂର୍ତ୍ତରେ ସେ ଦୁହେଁ ପ୍ରେମ କରି ଏବେ ନିର୍ବନ୍ଧ ବି କରି ସାରିଛନ୍ତି। ସେମାନେ ବୃନ୍ଦାବନର ଯମୁନା ନଦୀ କୂଳରେ ନିର୍ବନ୍ଧ କରିଛନ୍ତି। ସେମାନଙ୍କର ବନ୍ଧୁ ବି ତାଙ୍କ ନିର୍ବନ୍ଧରେ ଉପସ୍ଥିତ ରହିଥିଲେ।

# ପ୍ରଶଂସା ସାଉଁଟୁଛନ୍ତି ଡାଏନା



ବଲିଉଡ୍ କଳାକାରମାନେ ଦକ୍ଷିଣ ମୁହାଁ ହେବା କଥା ନୂଆ ନୁହେଁ। ଦୁଇ ଇଣ୍ଡଷ୍ଟ୍ରି ମଧ୍ୟରେ ସବୁବେଳେ ପ୍ରତିଭାର ବିନିମୟ ହୋଇଛି। ସାଉଥ୍ ଫିଲ୍ମଗୁଡ଼ିକ ଏବେ ହିନ୍ଦୀ ଭାଷୀ ଦର୍ଶକଙ୍କଠାରୁ ଖୁବ୍ ପ୍ରଶଂସା ସାଉଁଟୁଥିବାବେଳେ ଅଭିନେତ୍ରୀ ଡାଏନା ପେଣ୍ଟି ଏ ବର୍ଷ ସାଉଥ୍ ଇଣ୍ଡଷ୍ଟ୍ରିରେ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଅଭିନେତା ଦୁଲକର ସଲମାନ ଷ୍ଟାରର ମାଲାୟାଲମ୍ ଫିଲ୍ମ 'ସାଲ୍ୟୁଟ୍' ଜରିଆରେ ସାଉଥ୍‌ରେ ଏଣ୍ଟ୍ରି କରିଛନ୍ତି ଡାଏନା। ଏ କ୍ଷେତ୍ରରେ ନିଜ ଅନୁଭବ ବିଷୟରେ ସେ କହିଛନ୍ତି 'ଚଳିତ ବର୍ଷ ମୁଁ ଦକ୍ଷିଣ ସିନେ ଇଣ୍ଡଷ୍ଟ୍ରିରେ ଯାତ୍ରା ଆରମ୍ଭ କରିଛି । ସେଠାରେ କାମ କରିବାର ଅନୁଭବ ଅତି ଚମତ୍କାର। ଦକ୍ଷିଣ ସିନେମା ଓ ଏହି ଇଣ୍ଡଷ୍ଟ୍ରିର ଲୋକେ ଭଦ୍ର ବୋଲି ମୁଁ ଶୁଣିଥିଲି। ଏବେ ନିଜେ ଅନୁଭବ କରିଛି। ଦକ୍ଷିଣ ଫିଲ୍ମ ସହ ମୁଁ ବେଶି ପରିଚିତ ନ ଥିଲି। ଏବେ କିନ୍ତୁ ଦୁଲକରଙ୍କ ସହ କାମ କରି ବହୁତ ଉପଭୋଗ କରିଛି। ଭିନ୍ନ ଭିନ୍ନ ଭାଷାର ଫିଲ୍ମରେ କାମ କରିବା ବାସ୍ତବରେ ବଡ଼ ଚ୍ୟାଲେଞ୍ଜ୍। ଫିଲ୍ମରେ ମୋର ଅଧିକ ଡାଇଲଗ୍ ନ ଥିଲା। ମାଲାୟାଲମ୍ ଭାଷା ସହ ପରିଚିତ ନ ଥିଲେ ଅଭିନୟ ଏତେ ସହଜ ନୁହେଁ। ତେଣୁ ମୋତେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ସେହିପରି ଅପ୍‌କମିଙ୍ଗ ହିନ୍ଦୀ ଫିଲ୍ମ 'ସେଲ୍‌ଫି'ର ମୁକ୍ତିଲାଭକୁ ଅପେକ୍ଷା କରିଛନ୍ତି ଡାଏନା। ଏଥିରେ ଅକ୍ଷୟ କୁମାର, ଇମ୍ରାନ ହାଶ୍‌ମି ଓ ନୁସରତ ଭରୁଚା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ନୱାଜୁଦ୍ଦିନ ସିଦ୍ଦିକିଙ୍କ ସହ 'ଅବଧୁତ୍' ଫିଲ୍ମରେ ବି ସେ ନଜର ଆସିବେ। ଏହାକୁ ମିଶାଇ ତାଙ୍କ ହାତରେ ମୋଟ୍ ୪ଟି ଫିଲ୍ମ ରହିଛି, ଯାହାର ସୁଟିଂ ସେ ଶେଷ କରିଛନ୍ତି। କାମ ବ୍ୟସ୍ତତା ଦୃଷ୍ଟିରୁ ଚଳିତ ବର୍ଷକୁ ସେ ବେଶ ଉତ୍ସାହଜନକ ବର୍ଷ ବୋଲି କହିଛନ୍ତି।

# ୧୫ବର୍ଷ ବୟସରେ ମାସକୁ ୮ଲକ୍ଷ ଟଙ୍କା ରୋଜଗାର



ଜଣେ କିଶୋର ବ୍ୟବସାୟ କରିବେ ବୋଲି ଯୋଜନା ରଖି ସ୍କୁଲ ପାଠପଢ଼ାକୁ ଅଧାରୁ ଛାଡ଼ି ଦେଇଥିଲେ। ତେବେ ଏହି କିଶୋରଙ୍କ ଭାଗ୍ୟ ଏମିତି ସାଥ୍ ଦେଇଥିଲା କି ଖୁବ ଅଳ୍ପଦିନ ମଧ୍ୟରେ ସେ ସଫଳତା ହାସଲ କରିଥିଲେ। ଏହି କାରଣରୁ ଅନେକ ବଡ଼ବଡ଼ କମ୍ପାନି ତାଙ୍କର କ୍ଲାଇଣ୍ଟ ହୋଇଯାଇଥିଲେ। ଏହି କ୍ଲାଇଣ୍ଟ ତାଲିକାରେ ବଡ଼ବଡ଼ କଳାକାର ବି ସାମିଲ ଥିଲେ। ତେବେ ଖୁବ କମ ବୟସରୁ ବ୍ୟବସାୟ ଆରମ୍ଭ କରିଥିବା ଏହି ବ୍ୟକ୍ତିଙ୍କ ନାମ ଚେସ ଚେପଲ। ସେ ଆମେରିକାରେ ବସବାସ କରନ୍ତି। ଚେସ କହନ୍ତି, 'ସ୍କୁଲର ଧନୀ ସାଙ୍ଗମାନଙ୍କୁ ଦେଖି ତାଙ୍କୁ ହିଂସା ଲାଗିଥାଏ। ଏହି କାରଣରୁ ସେ ୧୫ବର୍ଷ ବୟସରେ ସ୍କୁଲ ପାଠପଢ଼ା ଛାଡ଼ି ଦେଇଥିଲେ। ଏହି ସମୟରେ ସେ ବିଜନେସ ମ୍ୟାନେଜମେଣ୍ଟ ଓ ଛୋଟଛୋଟ ବ୍ୟବସାୟ କରି ଟଙ୍କା ରୋଜଗାର କରିବା ଆରମ୍ଭ କରିଥିଲେ।' ଚେସ ବ୍ୟବସାୟ ଆରମ୍ଭ କରିବା ପରଠାରୁ ହିଁ ସୋସିଆଲ ମିଡିଆ ମାର୍କେଟିଂକୁ ଧରି ନେଇଥିଲେ। ସେ ଟିକଟକ ଓ ଫେସବୁକ ଭଳି ପ୍ଲାଟଫର୍ମରେ ଭିନ୍ନଭିନ୍ନ କମ୍ପାନିମାନଙ୍କର ବିଜ୍ଞାପନ ଦେବା କାମ କରିଥିଲେ। ଏଥିରେ ଅନେକ ନାମୀଦାମୀ କମ୍ପାନି ବି ସାମିଲ ରହିଥିଲେ।' ଚେସ କହନ୍ତି, 'ମୁଁ ସର୍ବଦା ମୋ ସର୍ତ୍ତରେ ଜୀବନ ଜିଇଁବାକୁ ଚାହିଁଥାଏ। ପିଲାବେଳରୁ ମୁଁ ଉଚ୍ଚ ଆଶା ରଖି ଆସିଛି। ଯେତେବେଳେ ଶ୍ରେଣୀର ପିଲାମାନେ ପୋଲିସ, ଡାକ୍ତର ଓ ଅଗ୍ନିଶମ ବିଭାଗରେ ଚାକିରି କରିବେ ବୋଲି ସ୍ୱପ୍ନ ଦେଖୁଥିବା କହୁଥିବା ବେଳେ ମୁଁ ବିଶ୍ୱଭ୍ରମଣ କରିବି ବୋଲି କହୁଥିଲୁ। ପାଠପଢ଼ା ପ୍ରତି ଆଗ୍ରହ ନହେବାରୁ ମୁଁ ଅଧାରୁ ପାଠ ଛାଡ଼ି ବ୍ୟବସାୟ ଆରମ୍ଭ କରିଥିଲି। ଏହି ସମୟରେ ମୋର ସହପାଠୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ମୋତେ ପାଗଳ ବୋଲି ଭାବୁଥିଲେ। ପାଠପଢ଼ା ଛାଡ଼ି ବ୍ୟବସାୟରେ ମନ ଦେଇ କାମ କରୁଥିବାରୁ ୧୫ବର୍ଷ ବୟସରେ ପାଖାପାଖି ୮ଲକ୍ଷ ଟଙ୍କା ରୋଜଗାର କରି ନେଉଥିଲି।

# ବିଲରୁ ମିଳିଲା ମୁଦି, ଦାମ୍ ୩୭ ଲକ୍ଷ

ଡେବିଡ୍ ନାମକ ଜଣେ ବ୍ୟକ୍ତିଙ୍କ ସହ ଏପରି ଏକ ଘଟଣା ଘଟିଛି ଯାହାକୁ ନେଇ ସେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଡେଭିଡ୍ ବୃତ୍ତିରେ ଜଣେ ଟ୍ରାକ୍ଟର ଚାଳକ। ଡେବିଡ୍ ତାଙ୍କ ବନ୍ଧୁଙ୍କ ବିଲରେ ଟ୍ରାକ୍ଟର ଚଳାଉଥିବା ବେଳେ ତାଙ୍କୁ ମିଳିଲା ଏକ ମୁଦି। ଯାହାକୁ ବିକ୍ରିକରି ସେ ଏବେ ୩୭ ଲକ୍ଷ ଟଙ୍କାର ହକ୍‌ଦାର ହୋଇପାରିଛନ୍ତି। ଶହ ଶହ ବର୍ଷରୁ ମାଟି ତଳେ ରହିଥିବା ମୁଦିଟି ଡେବିଡ୍‌ଙ୍କୁ କାଦୁଆ ବୋଳା ଅବସ୍ଥାରେ ମିଳିଥିଲା। ୬୯ ବର୍ଷୀୟ ଡେବିଡ୍ ପ୍ରଥମେ ମୁଦିଟିକୁ ଦେଖିବା ପରେ ତାହା ଏକ ମିଠା ଜରି ବୋଲି ଭାବିଥିଲେ। ମାତ୍ର ପରେ ସେ ପାଖରୁ ଯାଇ ଦେଖିଲା ପରେ ଏକ ମୁଦି ବୋଲି ଜାଣିବାକୁ ପାଇଲେ। ମୁଦିଟି ସୁନାର ହୋଇଥିବା ବେଳେ ସେଥିରେ ହୀରା ଖୋଦିତ ହୋଇଥିଲା। ତାହା ଅନେକ ବର୍ଷ ତଳର ହୋଇଥିବା ବେଳେ ଖୁବ୍ ମୂଲ୍ୟବାନ। ସେ କହିଛନ୍ତି ଯେ ମୁଦିଟି ମାଟିରୁ ୫ ଇଞ୍ଚ୍ ତଳେ ଥିଲା। ଏହି ଆଙ୍ଗୁଠିରେ ଲେଖାଥିଲା, 'ଯେଉଁପରି ମୁଁ ତୁମର ବିଶ୍ୱାସ ସମ୍ଭାଳିଛି, ସେହିପରି ତୁମେ ବି ମୋର ବିଶ୍ୱାସ ସମ୍ଭାଳିବ।'

# ଇଚ୍ଛାମୃତ୍ୟୁ ମାଗିଲେ, ମିଳିଲା ୫୦ ଲକ୍ଷ



ଜଣେ ବ୍ୟକ୍ତି କିଛି ବର୍ଷ ପୂର୍ବେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣାର ଶିକାର ହୋଇ ସୁସ୍ଥ ହେବା ପରେ ସେ ବିଭିନ୍ନ ରୋଗରେ ପୀଡିତ ହୋଇଥିଲେ। କିଛି କାମ ନ କରିପାରିବାରୁ ଆର୍ଥିକ ସମସ୍ୟା ଦେଖାଦେଇଥିଲା, ଯାହା ଫଳରେ ତାଙ୍କର ଦିନକୁ ମୁଠେ ଖାଇବା ଅସମ୍ଭବ ହୋଇପଡ଼ିଥିଲା। କିଛି ଦିନ ଏଭଳି ହେବା ପରେ ବ୍ୟକ୍ତିଜଣକ ପ୍ରତିଦିନ ନଖାଇ ନପିଇ ବଞ୍ଚିବାର ଯୁଦ୍ଧକୁ ଆଉ ଲଢ଼ିବାକୁ ଚାହିଁନଥିଲେ। ଏଥିପାଇଁ ସେ ଇଚ୍ଛାମୃତ୍ୟୁ ମାଗିଥିଲେ। ହେଲେ ତାଙ୍କୁ ଜଣାନଥିଲା, ଏଇଠୁ ତାଙ୍କ ଜୀବନର ନୂଆ ଆରମ୍ଭ ହେବ। ଇଚ୍ଛାମୃତ୍ୟୁ ମାଗିବା କ୍ଷଣି ତାଙ୍କୁ ଲୋକ ଆର୍ଥିକ ସହାୟତା ପଠାଇବା ଆରମ୍ଭ କରିଥିଲେ। ଚାହୁଁ ଚାହୁଁ ତାଙ୍କ ପାଖକୁ ୫୦ଲକ୍ଷ ଟଙ୍କା ଆସିଯାଇଥିଲା। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। କାନାଡାରେ ରହୁଥିବା ୫୪ବର୍ଷୀୟ ଆମୀର ଫରସେଦଙ୍କ ସହ ଏଭଳି ଘଟିଛି। ଦୁର୍ଘଟଣା ପରେ ସେ ଚାଲିପାରୁନଥିବା ସହ ଅନେକ ଶାରୀରିକ ସମସ୍ୟା ଦେଖା ଦେଇଥିଲା। ଟଙ୍କା ନ ଥିବାରୁ ସେ ନିଜର ଚିକିତ୍ସା କରିପାରୁନଥିଲେ। ଏହା ସହ ଦିନକୁ ଓଳିଏ ଖାଇବା ବି ତାଙ୍କ ପାଇଁ ସମ୍ଭବ ନଥିଲା। ଏଭଳି ଜୀବନ ବଞ୍ଚିବାକୁ ଚାହୁଁନାହିଁ ବୋଲି କହି ଇଚ୍ଛାମୃତ୍ୟୁ ମାଗିଥିଲେ ଆମୀର। ଏଥି ମଧ୍ୟରେ ତାଙ୍କ ପାଇଁ ଆଶାର ଆଲୋକ ହୋଇ ଆସିଥିଲେ ଏମି। ଆମୀରଙ୍କ ସମସ୍ୟା ଜାଣି ଏମି 'ଗୋଫଣ୍ଡମି' ୱେବସାଇଟରରେ କ୍ରାଉଡଫଣ୍ଡିଂ ଆରମ୍ଭ କରିଥିଲେ। ଏମି ଏହି ଅଭିଯାନର ନାଁ ଦେଇଥିଲେ 'ଚୁଜ୍ ଟୁ ଲିଭ୍'। ଏପର୍ଯ୍ୟନ୍ତ ୧୨୦୦ଜଣ ପ୍ରାୟ ୫୦ଲକ୍ଷ ଦାନ କରିସାରିଥିବା ଜଣାପଡ଼ିଛି। ଟଙ୍କା ଆସିବାରୁ ଏବେ ଆମୀର ଇଚ୍ଛାମୃତ୍ୟୁ ପାଇଁ କରିଥିବା ଆବେଦନ ଫେରାଇ ନେବାକୁ ଚିନ୍ତା କରିଛନ୍ତି।

# ତନରଡାରେ କବିସମ୍ରାଟ ସ୍ପୋର୍ଟସ ଏସୋସିଏସନ୍ ତରଫରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ନୁଆ ଗାଁ ଚମ୍ପିୟାନ




ବେଲଗୁଣ୍ଠା ୩/୩ (ନି.ପ୍ର): ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ତନରଡା ଖେଳ ପଡିଆ ଠାରେ କବିସମ୍ରାଟ ସ୍ପୋର୍ଟସ ଏସୋସିଏସନ୍ ଆନୁକୁଲ୍ୟରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଅଛି ।ଆଜି ଏହାର ଫାଇନାଲ ମୁକାବିଲାରେ ମଙ୍ଗଳପୁରକୁ ହରାଇ ନୁଆ ଗାଁ ଚମ୍ପିୟାନ ହୋଇଛି ।ଏହି ଟୁର୍ଣ୍ଣାମେଣ୍ଟ ଗତମାସ ୨୦ ତାରିଖ ରୁ ଆରମ୍ଭ ହୋଇଥିବା ବେଳେ ଆଜି ତାର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା ।ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ ।ଶ୍ରେଷ୍ଠତମ ପ୍ରଦର୍ଶନ କରି ତନରଡା,ନୁଆ ଗାଁ, ବାହାଡପଦର ଓ ମଙ୍ଗଳପୁର ସେମିଫାଇନାଲରେ ପ୍ରବେଶ କରିଥିଲେ । ସେମିଫାଇନାଲ ମ୍ୟାଚ ତନରଡା ସହିତ ନୁଆ ଗାଁ ଓ ବାହାଡା ପଦର ସହିତ ମଙ୍ଗଳପୁର ମଧ୍ୟରେ ଖେଳାଯାଇଥିଲା ।ନୁଆ ଗାଁ ଓ ମଙ୍ଗଳ ପୁର ଯଥାକ୍ରମେ ତନରଡା ଓ ବାହାଡା ପଦରକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ । ସବୁ ମ୍ୟାଚ୍ ୧୨ ଓଭର୍ ବିଶିଷ୍ଟ ହୋଇଥିବା ବେଳେ ଆଜି ଫାଇନାଲ ୧୬ ଓଭର ବିଶିଷ୍ଟ ଖେଳାଯାଇଥିଲା । ମଙ୍ଗଳପୁର ପ୍ରଥମେ ଟସ୍ ଜିତି ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ପ୍ରଥମେ ବ୍ୟାଟିଂ କରି ନୁଆ ଗାଁ ସମସ୍ତ ୱିକେଟ ବିନିମୟରେ ୧୩୧ ରନ୍ କରିଥିଲା ।ଏହାର ଜବାବରେ ମଙ୍ଗଳପୁର ୧୦୯ ରେ ସମସ୍ତ ୱିକେଟ ହରାଇଥିଲା ।ଫଳରେ ନୁଆ ଗାଁ ଚମ୍ପିୟାନ ହୋଇଥିଲା ।ଆଜିର ଫାଇନାଲ ତଥା ଉଦଯାପନୀ କାର୍ଯ୍ୟକ୍ରମରେ ସୋରଡ଼ା ପୁର୍ବତନ ବିଧାୟକ ପୁର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବେଲଗୁଣ୍ଠା ବ୍ଲକ୍ ଅଧକ୍ଷା ମମତା ଭୋଳ ମୁଖ୍ୟବକ୍ତା, ଅନ୍ୟତମ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ବିଦ୍ୟାଧର ବିଷୋୟୀ, ତନରଡା ସରପଞ୍ଚ ସସ୍ମିତା ପାଠୀ,ବଡବୋରସିଂ ସରପଞ୍ଚ ରାମେଶ୍ୱର ପାତ୍ର, ସରପଞ୍ଚ ପ୍ରତିନିଧି ପଞ୍ଚାନନ ସାମଲ,ଚୁଡଙ୍ଗ ସ୍ୱାଇଁ,ଗଗନ ଲେଙ୍କା ,ଭଞ୍ଜଭୂମି ଭଞ୍ଜନଗର ସବଡିଭିଜନ୍ ପ୍ରତିନିଧି ସୁଶାନ୍ତ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳ ନୁଆଗାଁକୁ ୧୫୦୨୭ ଟଙ୍କା ଓ ବଡ଼ ଟ୍ରଫି ସହିତ ରନର୍ସ ଅପ୍ ମଙ୍ଗଳପୁର ଦଳକୁ ୧୦୦୨୭ ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ ।ତପନ ସାମନ୍ତ ଓ ଆର୍ତ୍ତତ୍ରାଣ ନାୟକ ମ୍ୟାଚ୍ ଆମ୍ପାୟାର୍ ଭାବେ ଯୋଗ ଦେଇଥିବା ବେଳ ଆଜି ଫାଇନାଲ ମ୍ୟାଚ ର (ମ୍ୟାନ ଅଫ ଦା ମ୍ୟାଚ) ଶ୍ରେଷ୍ଠ ଖେଳାଳି ଭାବେ ନୁଆ ଗାଁ ଟିମ୍ ର ମିଟୁ ଓ (ମ୍ୟାନ ଅଫ ଦା ଟୁର୍ନାମେଣ୍ଟ) ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ମଙ୍ଗଳପୁରର ଭାଗୀ ଙ୍କୁ ଟ୍ରଫି ସହିତ ସମ୍ବର୍ଦ୍ଧିତ କରାଯାଇଥିଲା ।ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ମଙ୍ଗଳପୁରର କାହ୍ନା,ଶ୍ରେଷ୍ଠ କ୍ୟାଚ୍ ପାଇଁ ତନରଡା ର ସୁନୀଲ୍ , ଶ୍ରେଷ୍ଠ ବୋଲର୍ ଭାବେ ତନରଡାର ଶୁଭମ୍ ଙ୍କୁ ପୁରସ୍କୃତ କରାଯାଇଥିଲା ।ଆୟୋଜକ ଭାବେ ତନରଡାର ପୁର୍ବତନ ସରପଞ୍ଚ ଯୁବ ନେତା ଅନୀଲ୍ ପାଠୀ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ କ୍ୟାପଟେନ ଶୁଭମ୍ ସ୍ୱାଇଁ, ସିଦ୍ଧାନ୍ତ,ଆରତ,ଲିପୁ,ମିଲୁ, ଗୋବିନ୍ଦ ଓ ଆଶିଷ ଙ୍କ ସହିତ ସମସ୍ତ ସଦସ୍ୟେ ପରିଚାଳନା କରିଥିଲେ ।ଏହି ଟୁର୍ଣ୍ଣାମେଣ୍ଟ ପୁର୍ବରୁ ଏହି ସଙ୍ଗଠନ ତରଫରୁ ପ୍ରତିବର୍ଷ ଟୁର୍ନାମେଣ୍ଟ ଆୟୋଜିତ ହେଉଥିବା ବେଳେ ଗତ କିଛିବର୍ଷ ହେଲା ଏହା ବନ୍ଦ ଥିଲା କିନ୍ତୁ ଏହି ବର୍ଷ ପୁଣି ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିବାରୁ କ୍ରିକେଟ୍ ?ପ୍ରେମୀ ତଥା ଜନସାଧାରଣ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା । ଆଗାମୀ ବର୍ଷ ମାନଙ୍କରେ ମଧ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବା ନେଇ ଆୟୋଜକ ତଥା ପୁର୍ବତନ ସରପଞ୍ଚ ଅନୀଲ ପାଠୀ ସୂଚନା ଦେଇଛନ୍ତି ।

## ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ





ପାତ୍ରପୁର୩/୩ (ନି.ପ୍ର): ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତର ସିନ୍ଦୁରାବାଡ଼ ଓ ତାବୁଡ଼ିଆ ଗ୍ରାମପାଇଁ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ଜଳ ବିଭାଗ ତରଫରୁ ପ୍ରାୟ ୩୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଗ୍ରାମ୍ୟ ପାଇପ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁକ୍ରବାର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଶ୍ରୀ ସାମନ୍ତରା ଗ୍ରାମରେ ପହଂଚିବା ପରେ ସ୍ଥାନୀୟ ଆଦିବାସୀଙ୍କ ସହ ଦଳୀୟ କର୍ମୀ ବିଧାୟକଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ରବର୍ଟ ପ୍ରଧାନ ,ବ୍ଲକ ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ମୀନା ଦ୍ୟାନ ସାମନ୍ତରା, ତୁମ୍ବା ସରପଞ୍ଚ ପ୍ରଶାନ୍ତ ସେଠୀ, ସମିତିସଭ୍ୟ ନାରାୟଣ ନାଇକ ,ଜରଡ଼ା ସମିତି ସଭ୍ୟ ସନ୍ତୋଷ ପ୍ରଧାନ ପ୍ରମୂଖ ଉପସ୍ଥିତ ଥିଲେ ।ବିଧାୟକ ନିଜ ଗସ୍ତ ସମୟରେ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହିତ ବାଇକ ଯୋଗେ ତାବୁଡ଼ିଆ ଗାଁରେ ପହଂଚି ପାହାଡ଼ ଶିଖରରୁ ତଳକୁ ଓଲ୍‌ହାଇ ରହୁଥିବା ଆଦିବାସୀଙ୍କ ଘର ବାଡିପଟେ ଥିବା ମାଟି ଅତଡା ବର୍ଷା ହେଲେ ଧୋଇ ହୋଇ ଘରେ ପଶୁଥିବା ସମସ୍ୟା ବୁଝି ଏହାର ସମାଧାନ ଦିଗରେ ଚେଷ୍ଟିତ ହେବେ ବୋଲି କହିଥିଲେ ।

# ଖୋର୍ଦ୍ଧାରେ ଲଘୁ ଖଣିଜ ଲୁଟ୍‌ର ସାଂଘାତିକ ଚିତ୍ର

## ନିଲାମ ହୋଇଛି ୮୦, ଚୋରା ଖଣି ୨୫୦ରୁ ଅଧିକ

ଖୋର୍ଦ୍ଧା,୩/୩ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ, ଟାଙ୍ଗୀ ଏବଂ ଖୋର୍ଦ୍ଧା ସଦର ବ୍ଲକ୍‌ରେ ଆଖିବୁଜା ଲଘୁ ଖଣିଜ ଲୁଟ୍ ଚାଲିଛି। ସରକାରୀ ଜମି ହେଉ ଅବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର, ଯେଉଁଠି ବି ପଥର ବାହାରିବାର ସୁଯୋଗ ଅଛି; ସେଠି ତଡ଼ାଚାଲିଛି। ନେତା, ମାଫିଆଙ୍କ ସଲାସୁତରାରେ ଏଭଳି ବେଆଇନ୍ କାରବାର ବର୍ଷ ବର୍ଷ ଧରି ଚାଲିଛି। ଜିଲ୍ଲାରେ ପ୍ରାୟ ୨୫୦ରୁ ଅଧିକ ଖଣିରୁ ଚୋରା ଖଣିଜ ପରିବହନ ହେଉଥିବା ବେଳେ ସରକାରଙ୍କୁ ମାତ୍ର ୮୦ଟି ଖଣିରୁ ରାଜସ୍ୱ ମିଳୁଛି। ଏହି ଚୋରାଖଣି ଭିତରେ ରହିଛି ମାଙ୍କଡ଼ା, ମୋରମ୍ ଓ କଳା ମୁଗୁନି ପଥର। ଜିଲ୍ଲାରେ ଖଣିର ମାଲିକାନା ଦୁଇ ପ୍ରକାରର। ଗୋଟିଏର ମାଲିକ ରାଜ୍ୟ ସରକାରଙ୍କ ଖଣି ବିଭାଗ ଅଧୀନରେ ଥିବାବେଳେ ଦ୍ୱିତୀୟ ମାଲିକ ହେଉଛନ୍ତି ଖୋଦ୍ ମହାପ୍ରଭୁ ଶ୍ରୀଜଗନ୍ନାଥ। ଖୋର୍ଦ୍ଧା ଖଣି ଉପନିର୍ଦ୍ଦେଶାଳୟର ତଥ୍ୟ ମୁତାବକ, ସରକାରୀ ଖାତା ଖତିୟାନରେ ଜିଲ୍ଲାରେ ଖଣି ସଂଖ୍ୟା ପ୍ରାୟ ୩୦୦ ରହିଛି। ସେଥିରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାଁରେ ରହିଛି ୧୪୦ଟି ଖଣି ଓ ରାଜ୍ୟ ସରକାରଙ୍କ ଖଣି ନିର୍ଦ୍ଦେଶାଳୟ ନାଁରେ ରହିଛି ୧୬୦ଟି ଖଣି। ଏହି ୩୦୦ ଖଣି ମଧ୍ୟରୁ ମାତ୍ର ୮୦ଟିକୁ ନିଲାମ କରାଯାଇଛି। ତନ୍ମଧ୍ୟରୁ ୪୫ଟି ଖଣି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ନିଲାମ ହୋଇଥିବା ବେଳେ ଖଣି ବିଭାଗର ମାତ୍ର ୩୫ଟି ଖଣି ନିଲାମ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆହୁରି ୯୫ଟି ଖଣି ନିଲାମ ହୋଇ ପାରିନଥିବା ବେଳେ ଖଣି ନିର୍ଦ୍ଦେଶାଳୟର ୧୨୫ଟି ନିଲାମ ଅପେକ୍ଷାରେ ରହିଛି। ଏହି ୩୦୦ ସରକାରୀ ରେକର୍ଡଭୁକ୍ତ ଖଣିରୁ ୮୦ଟି ନିଲାମ ଖଣିକୁ ଛାଡ଼ିଦେଲେ ଅନ୍ୟଗୁଡ଼ିକରୁ ବିନା ନିଲାମରେ ଚୋରା ଚାଲାଣ ଚାଲିଛି। ଏତଦ୍‌ବ୍ୟତୀତ ଅଣରେକର୍ଡଭୁକ୍ତ ଆହୁରି ୧୦୦ରୁ ଅଧିକ ଚୋରାଖଣିରୁ ପଥର, ମୋରମ୍ ତଡ଼ା ଚାଲିଛି। ମୋଟ ଉପରେ କହିବାକୁ ଗଲେ, ସରକାରୀ ରେକର୍ଡଭୁକ୍ତ ଓ ଚୋରାରେ ଖନନ ଖଣିକୁ ମିଶାଇ ଶହଶହ ଖଣିରୁ ରୀତିମତ ଚୋରା କାରବାର ଚାଲିଛି। ଗତ ଆର୍ଥିକ ବର୍ଷରେ ଖଣି ବିଭାଗର ନିଲାମପ୍ରାପ୍ତ ୩୫ଟି ଖଣିରୁ ୫ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି। ଅବଶିଷ୍ଟ ଚୋରା ଖଣି ଉପରେ ଯଦି ଅଙ୍କୁଶ ଲାଗିପାରନ୍ତା ତେବେ ପ୍ରାୟ ୫୦ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇପାରନ୍ତା ବୋଲି କୁହାଯାଉଛି।





## ମା' ଆମ୍ବୁରେଇ ପୀଠରେ ନୃତ୍ୟ ପ୍ରତିଯୋଗିତା

ଦଶରଥପୁର ୩/୩ (ନି.ପ୍ର): ମା ଆମ୍ବୁରେଇ ପୂଜା କମିଟି ପକ୍ଷରୁ ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ ଅଧିନସ୍ଥ ମା' ଆମ୍ବୁରେଇ ପୀଠ ଠାରେ ପବିତ୍ର ଶିବରାତ୍ରୀ ଉପଲକ୍ଷେ ଆୟୋଜିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମର ଉଦଯାପନୀ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଯୁବ କଳାକାର ପ୍ରଭାତ କୁମାର ସାହୁ (ବାବୁଲା) ଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚମ୍ପେଇପାଳ ପଞ୍ଚାୟତର ସରପଞ୍ଚ ହିମାଂଶୁ ଶେଖର ନାୟକ,ସମ୍ମାନିତ ଅତିଥି ଭାବେ ଯୁବକବି ତଥା ସାମ୍ବାଦିକ ଧୀରେନ୍ଦ୍ର ମଲ୍ଲିକ, କଳାକାର ବିଶ୍ୱମ୍ଭର ନାୟକ,ଗୀତିକାର ସାବିତ୍ରୀ ମଲ୍ଲିକ,କଳାକାର ମାଧବାନନ୍ଦ ଆଚାର୍ଯ୍ୟ ଯୋଗଦେଇ କଳା,ସଂସ୍କୃତିର ପ୍ରଚାର ପ୍ରସାର ତଥା ଅନୁଷ୍ଠାନର ଉନ୍ନତି ଦିଗରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ପଚାଶରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ତଥା କୁନିକୁନି କଳାକାର ମାନଙ୍କୁ ନେଇ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ,ଦ୍ୱିତୀୟ ,ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀଙ୍କୁ ବିଚାରକ ସଙ୍ଗୀତ ନିର୍ଦ୍ଦେଶକ ରମାକାନ୍ତ ସାହୁ,ମନୋରଞ୍ଜନ ଜେନା,ତପସ୍ୱିନୀ ଜେନା ଓ ଅତିଥି ମାନେ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅଂଶ ଗ୍ରହଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ନବକିଶୋର ପୋଥାଳ ଏବଂ ସଭାପତି ଅଶୋକ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଯୁବ ସଦସ୍ୟ ସିପୁନ ବାରିକ,ରଜନୀକାନ୍ତ ବାରିକ,ଚନ୍ଦନ ପୋଥାଳ,ମନୋଜ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ,ପରମେଶ୍ୱର ସାହୁ,ସ୍ୱାଧୀନ ସାହୁ,ମୋହନ ବେହେରା,ସୁମନ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ତେଲଙ୍ଗାନାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ବାଲିଗୁଡା ୩/୩ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ଥାନା ଅନ୍ତର୍ଗତ ଭ୍ରମରବାଡ଼ି ପଞ୍ଚାୟତ ଶ୍ରାମବାଡ଼ି ଗ୍ରାମର ଚନ୍ଦ୍ରମା ମଲ୍ଲିକ(୩୨) ନାମ୍ନୀ ମହିଳାଙ୍କର ତେଲଙ୍ଗାନା ମେହେବୁବାବାଦ୍ ଜିଲ୍ଲା ୟେଲାନ୍ଦୁଠାରେ ମୃତ୍ୟୁ ଘଟିଛି। ଚନ୍ଦ୍ରମା ଗତ ୨ମାସ ହେବ ଯାଜପୁର ଜିଲ୍ଲା ମଙ୍ଗଳପୁର ନିବାସୀ ରାମଚନ୍ଦ୍ର ଦାସଙ୍କ ପୁଅ ଅନିଲ ଦାସଙ୍କୁ ପ୍ରେମ ବିବାହ କରିଥିଲେ। ସେମାନେ ଦାଦନ ଖଟିବାକୁ ଯାଇଥିଲେ। ୟେଲାନ୍ଦୁଠାରେ ରହି ଏକ ଘରୋଇ କମ୍ପାନୀରେ ଅନିଲ କାମ କରୁଥିଲେ। ଅନିଲଙ୍କ କହିବା ଅନୁଯାୟୀ ଉଭୟଙ୍କ ମଧ୍ୟରେ ସାମାନ୍ୟ ଝଗଡ଼ା ହୋଇଥିଲା। ଅନିଲ କାମରୁ ଫେରିବା ବେଳକୁ ତାଙ୍କ ସ୍ତ୍ରୀ ବେକରେ ଲୁଗା ଦେଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ସେଠାକାର ପୁଲିସ ଶବ ଜବତ କରିବା ସହ ଅନିଲଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୁଲିସ କହିଛି। ଚନ୍ଦ୍ରମାଙ୍କ ପରିବାର ଲୋକେ ଜି. ଉଦୟଗିରି ବିଧାୟକ ପ୍ରତିନିଧି ପିଟର ଦିଗାଲଙ୍କୁ ସାକ୍ଷାତ କରି ପ୍ରଶାସନର ସହଯୋଗ କାମନା କରିଥିବା ବେଳେ କିପରି ମୃତଦେହ ନିଜ ଗ୍ରାମକୁ ଫେରିବ ସେ ନେଇ ପରିବାର ଲୋକେ ଚିନ୍ତିତ ଅଛନ୍ତି।


# ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ୯ଟି ପଂଚାୟତର ଦାୟିତ୍ୱ ପ୍ରଦାନ ପଛର କାରଣ କ'ଣ ?

ନିଶ୍ଚିନ୍ତକୋଇଲି ୩/୩ (ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ୪୧ ଗୋଟି ପଂଚାୟତକୁ ନେଇ ଗଠିତ। କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ ଗୋଟି ପଂଚାୟତ, ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ ଗୋଟି ପଂଚାୟତକୁ ନେଇ ଏହି ପଂଚାୟତ ସମିତ ଗଠିତ । ସରକାରଙ୍କ ନିୟମାନୁଯାୟୀ ପ୍ରତି ପଂଚାୟତରେ ଜଣେ ଲେଖା କନିଷ୍ଠ ଯନ୍ତ୍ରୀ ଦାୟିତ୍ୱ ନେବା କଥା । ହେଲେ ଏଠାରେ ତାହା ନାହିଁ। ଏଠାରେ ଏବେ ୯ ଜଣ କନିଷ୍ଠ ଯନ୍ତ୍ରୀ ଓ ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟରତ ଅଛନ୍ତି । ୯ ଜଣ କନିଷ୍ଠ ଯନ୍ତ୍ରୀଙ୍କୁ ଯଦି ସମାନ ଭାବେ ପଂଚାୟତର ଦାୟିତ୍ୱ ପ୍ରଦାନ କରାଯାଆନ୍ତା ତାହାହେଲେ ସରକାରୀ ଯୋଜନାର କାର୍ଯ୍ୟ ଠିକ୍ ଭାବେ ହୋଇପାରନ୍ତା । ହେଲେ ତାହା ନକରି କାହାକୁ ୩ଟି ପଂଚାୟତ ତ ଆଉ କାହାକୁ ୫ ଟି ଓ ଆଉ କାହାକୁ ୯ ଟି ପଂଚାୟତର ଦାୟିତ୍ୱ ପଦାନ କରାଯାଇଅଛି। ୯ ଗୋଟି ପଂଚାୟତର ଦାୟିତ୍ୱ ନେଇଥିବା କନିଷ୍ଠ ଯନ୍ତ୍ରୀ ହେଉଛନ୍ତି ସତ୍ୟରଂଜନ ମିଶ୍ର। ତାଙ୍କୁ ଏତେ ଅହେତୁକ ଅନୁକମ୍ପା କିଏ ଦେଇଛନ୍ତି । ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ନା ସହକାରୀ ନିର୍ବାହୀ ଯନ୍ତ୍ରୀ । ଅନ୍ୟ ୮ ଜଣକନିଷ୍ଠ ଯନ୍ତ୍ରୀ କ'ଣ ନିକମା ନା ସେ କାମ ଜାଣି ନାହାଁନ୍ତି । ଏହି ପଂଚାୟତ ସମିତିରେ ଯେଉଁ କନିଷ୍ଠ ଯନ୍ତ୍ରୀଙ୍କ ନାଁରେ କାମ ରହିବ, ସେହି ମାପିବ, ସେହି ବିଲ୍ କରିବ, ଏବଂ ତାଙ୍କରି ଜମାଖାତାକୁ ଅର୍ଥ ଆସିଲେ ସେ ନାଲେ ନାଲ ହେବ। କାମ କରିଥିବା ଏଜେନ୍ସିକୁ କିଛି ଅର୍ଥ ଦେଇ ଏହି କନିଷ୍ଠ ଯନ୍ତ୍ରୀ ମହୋଦୟ ନିଜେ ନାଲେ ନାଲ୍ ହୋଇଥାଆନ୍ତି । ଅନ୍ୟ ପକ୍ଷରେ ଏଠାରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗୀୟ ନାମେ କାର୍ଯ୍ୟାଦେଶ ଥାଇ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର କନିଷ୍ଠ ଯନ୍ତ୍ରୀମାନଙ୍କ ମଧ୍ୟରେ ଅଦଳବଦଳ କରାଯାଇ କାର୍ଯ୍ୟର ତଦାରଖ, ମାପଚୁପ କରାଯାଇଥାଏ । ଯାହାଫଳରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଯେତେ ଦୁର୍ନୀତି ଓ ବାଟମାରଣା ହେଲେ ମଧ ତାହା ସର୍ବସାଧାରଣଙ୍କୁ ଆସିପାରେ ନାହିଁ । ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ଶ୍ରୀ ମିଶ୍ର ଯେବେଠାରୁ ଏଠାକୁ ଆସିଲେଣି ସେ ପଂଚାୟତରେ କାମ କରୁଥିବା ବେଳେ ଅନ୍ୟ କନିଷ୍ଠଯନ୍ତ୍ରୀମାନଙ୍କୁ କାମ ଦିଆଯାଉ ନାହିଁ କାହିଁକି ? ସଂପୃକ୍ତ କନିଷ୍ଠଯନ୍ତ୍ରୀ ଜଣକ ଦାୟିତ୍ୱ ନେଇଥିବା ବିଭିନ୍ନ ୯ ଗୋଟି ପଂଚାୟତର ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ଯଦି ଭିଜିଲାନ୍ସ, ପି.ଡି., ଜିଲ୍ଲାପାଳ ତଦାରଖ କରିବେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବା ସହ କରିତ୍ କର୍ମା କନିଷ୍ଠ ଯନ୍ତ୍ରୀଙ୍କର ଭାବମର୍ତ୍ତୀ ପଦାରେ ପଡନ୍ତା ।

## ପାଟଣା ଅଞ୍ଚଳରେ ଇସ୍ପାତ କାରଖାନା ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢୋକ୍ତି କୁ ନେଇ ଚର୍ଚ୍ଚା

ପାଟଣା ୩/୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ ଅବସରରେ ସେ ଆଜି ଚମ୍ପୁଆ ମହାବିଦ୍ୟାଳୟ କାର୍ଯ୍ୟକ୍ରମ ରେ ପାଟଣା ଅଞ୍ଚଳରେ ଜେ.ଏସ. ଡବଲ୍ୟୁ ଓ ପୋସ୍କୋ ପକ୍ଷରୁ ନିଶ୍ଚିତ ଇସ୍ପାତ କାରଖାନା ସ୍ଥାପନ ଘୋଷଣାକୁ ସଧାରଣରେ ସ୍ୱାଗତ କରଯାଇଛି । ସୂଚନା ଯୋଗ୍ୟ ଯେ ୨୦୦୬ ରେ ଆର୍ସେଲର ମିତ୍ତଲ ଏହି ଅଞ୍ଚଳରେ ବୃହତ ଇସ୍ପାତ କାରଖାନା ପାଇଁ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରି ପରେ ଏହାକୁ ପ୍ରତ୍ୟାହାର କରି ନେଇଥିଲା । ସେତେବେଳେ ଯେଉଁ ମାନେ ଓ ଯେଉଁ ସଂଗଠନ ଏହାକୁ ବିରୋଧ କରୁଥିଲା ସେହି ସଂଗଠନ ଏବେ ଆଗୁଆ ବିରୋଧ ଆରମ୍ଭ କରିଥିଲେ ମଧ ଏଥରର ଘଟଣା ଭିନ୍ନ ରହିଛି ।

## ଗ୍ରାମବାସୀ ଓ ଟ୍ରଷ୍ଟ ବୋର୍ଡର ସମନ୍ୱୟ ଅଭାବରୁ ନିରାଡମ୍ବରରେ ପାଳିତ ହେବ ରଘୁନାଥ ଜୀୟୁ ମନ୍ଦିର ମହାଯଜ୍ଞ




ନିଶ୍ଚିନ୍ତକୋଇଲି ୩/୩ (ନି.ପ୍ର): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ତହସିଲ ଅନ୍ତର୍ଗତ କେ□ାଳ ମଲ୍ଲିପୁରସ୍ଥିତ ଅସୁରେଶ୍ୱର ପ୍ରସିଦ୍ଧ ଶ୍ରୀ ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ବୈଠକକୁ ନେଇ ଉଭୟ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ଗ୍ରାମବାସୀ ମୁହାଁ ମୁହିଁ ହୋଇଛନ୍ତି । ସ୍ଥାନୀୟ ବାସିନ୍ଦା ଏଘଟଣାକୁ ନେଇ ଦେବୋ□ର କମିଶନରଙ୍କ ହସ୍ତକ୍ଷେପ ଲୋଡିଛନ୍ତି । ଅସୁରେଶ୍ୱର ରଘୁନାଥଜୀଉ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ବିଗତ ୧୦ ବର୍ଷ ହେଲା ଟ୍ରଷ୍ଟ ବୋର୍ଡ ପକ୍ଷରୁ ଧୁମ୍‌ଧାମ୍‌ରେ ପାଳିତ ହୋଇଆସୁଥିଲା । ଚଳିତ ବର୍ଷ ମନ୍ଦିର ପ୍ରତିଷ୍ଠା ଦିବସ ଓ ଏକାଦଶତମ ବିଶ୍ୱଶାନ୍ତି ମହାଯଜ୍ଞ ଚଳିତ ମାସ ୫ ତାରିଖ ଦିନ ହେବାକୁ ଅଛି । ମନ୍ଦିର ଟ୍ରଷ୍ଟ ବୋର୍ଡ କୌଣସି କାରଣରୁ ଏହି ବିଶ୍ୱଶାନ୍ତି ମହାଯଜ୍ଞକୁ ଆଡମ୍ବର ସହକାରେ ପାଳନ କରିବାକୁ ଦେଉନାହାଁନ୍ତି । ଏହାକୁ ନେଇ ଟ୍ରଷ୍ଟ ବୋର୍ଡ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଛି । ଗ୍ରାମବାସୀ ଓ ଶ୍ରଦ୍ଧାଳୁମାନଙ୍କ କହିବା ଅନୁଯାୟୀ ଏଠାରେ ମନ୍ଦିରର ବାର୍ଷିକ ଉତ୍ସବ ଓ ମହାଯଜ୍ଞ ପୂର୍ବରୁ ଯେଉଁଭଳି ହୋଇଆସୁଥିଲା ସେଭଳି ଭାବେ କରାଯାଉ ନଚେତ୍ ସର୍ବସାଧାରଣ ଉକ୍ତ ଯଜ୍ଞାନୁଷ୍ଠାନ କରିବାକୁ ଟ୍ରଷ୍ଟବୋର୍ଡ ଅନୁମତି ଦେବାସହ ପୂର୍ଣ୍ଣ ସହଯୋଗ କରୁ । ଏ ବାବଦରେ ଶତାଧିକ ସ୍ଥାନୀୟ ବାସିନ୍ଦା ଦେବୋ□ର କମିଶନରଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ପୂର୍ବରୁ ଯେଉଁଭଳି ଯଜ୍ଞ ହେଉଥିଲା ୫ ତାରିଖ ଦିନ ସେହିଭଳି ଯଜ୍ଞ କରାଯିବା ନିମନ୍ତେ ଗ୍ରାମବାସୀମାନେ ଦେବୋ□ର କମିଶନରଙ୍କ ନିକଟରେ ଦାବି କରିଛନ୍ତି । ଏ ସଂପର୍କରେ ଗ୍ରାମବାସୀ ଓ ଶ୍ରଦ୍ଧାଳୁମାନେ ସହକାରୀ ଦେବୋ□ର କମିଶନର କଟକ, ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଓ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ଅବଗତ କରାଇଛନ୍ତି । ଜିଲ୍ଲା ପ୍ରଶାସନ ଓ ଦେବୋ□ର ବିଭାଗ ଉକ୍ତ ଘଟଣାରେ ହସ୍ତକ୍ଷେପ କରି ବିଗତ ବର୍ଷ ଭଳି ଚଳିତ ବର୍ଷ ବାର୍ଷିକ ଉତ୍ସବ ଓ ମହାଯଜ୍ଞକୁ ଆଡମ୍ବର ସହକାରେ କଲେ ମନ୍ଦିରର ଗାରିମା ଓ ଗୌରବ ବଜାୟୀ ରହିବ ବୋଲି ଗ୍ରାମବାସୀମାନେ ମତ ପ୍ରକାଶ କରିଛନ୍ତି ।

# ଭଦ୍ରେଶ୍ୱରଠାରେ ନୂତନ ବ୍ଲକ ଓ ତହସିଲ ଗଠନ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି

ମାହାଙ୍ଗା ୩/୩ (ନି.ପ୍ର):ଭଦ୍ରେଶ୍ୱର ଥାନା ଅଂଚଳରେ ଥିବା ୧୫ଟି ଗ୍ରାମ ପଂଚାୟତକୁ ନେଇ ଭଦ୍ରେଶ୍ୱରଠାରେ ଏକ ନୂତନ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଖୋଲିବାକୁ ଗତ ୨୪.୦୨.୨୦୨୫ ରିଖରେ ଭଦ୍ରେଶ୍ୱର ଅଂଚଳର ଜନସାଧାରଣ, ଶିକ୍ଷାବିତ୍ ଓ ଲୋକପ୍ରତିନିଧିମାନେ ରାଜ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ, ପଂଚାୟତରାଜ ଓ ପାନୀୟ ଜଳଯୋଗାଣ ବିଭାଗୀୟ ମନ୍ତ୍ରୀ, କଟକ ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକଙ୍କ ନିକଟରେ ଦାବି ଜଣାଇଛନ୍ତି । ସୂଚନା ଥାଉ କି ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ କୁଆଁପାଳଠାରୁ ଭଦ୍ରେଶ୍ୱରର ଦୂରତା ୨୦ରୁ ୨୨ କିମି ଅଟେ । ଏପରିକି କୁରୁଜଙ୍ଗା ପଂଚାୟତଠାରୁ ମାହାଙ୍ଗା ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ୨୫ କି.ମି.ରୁ ଉର୍ଦ୍ଧ୍ୱ ହେଉଥିବାରୁ ସାଧାରଣ ଲୋକଙ୍କ ପାଇଁ ବିଭିନ୍ନ ସୟରେ ସମସ୍ୟା ସୃଷ୍ଟି ହୋଇଛି । ଏଥିପାଇଁ ୧୫ ଗୋଟି ପଂଚାୟତର ମଧ୍ୟସ୍ଥଳ ଭଦ୍ରେଶ୍ୱର ଅଟେ । ଭଦ୍ରେଶ୍ୱରଠାରେ ଗମନାଗମନ ନିମନ୍ତେ ମାହାଙ୍ଗା -କଟିକଟା ମୁଖ୍ୟ ରାସ୍ତା ରହିଥିଲା ବେଳେ ଥାନା, ଜାତୀୟ କରଣ ବ୍ୟାଙ୍କ, ଡାକ୍ତରଖାନା, ଗ୍ରାମ ପଂଚାୟତ କାର୍ଯ୍ୟାଳୟ, ପଶୁ ଚିକିତ୍ସାଳୟ, ଆର.ଆଇ, କାର୍ଯ୍ୟାଳୟ ପ୍ରମୁଖ ରହିଅଛି । କଂଗ୍ରେସ ସରକାର ଅମଳରେ ତତ୍କାଳିନ ମନ୍ତ୍ରୀ ତଥା ମାହାଙ୍ଗାର ତତ୍କାଳିନ ବିଧାୟକ ସେକ୍ ମତଲୁବ ଅଲୀ ଭଦ୍ରେଶ୍ୱରଠାରେ ମାହାଙ୍ଗାର ଦ୍ୱିତୀୟ ବ୍ଲକ ଗଠନ ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଏପରିକି ସେ ସମୟର ତତ୍କାଳିନ ବିଧାୟକ ଶରତ କର ମଧ ଭଦ୍ରେଶ୍ୱରଠାରେ ବ୍ଲକ ଗଠନ ନିମନ୍ତେ ପ୍ରସ୍ତାବ ଦେଇଥିଲେ । ତାହା କାର୍ଯ୍ୟକାରୀ ହୋଇ ପାରିନଥିଲା । ଏଣୁ ରାଜ୍ୟମାନ୍ୟବର ମୁଖ୍ୟମନ୍ତ୍ରୀ ଭଦ୍ରେଶ୍ୱରଠାରେ ଏକ ନୂତନ ବ୍ଲକ ଓ ତହସିଲ ଗଠନ ନିମନ୍ତେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ପୂର୍ବତନ ସମିତିସଭ୍ୟା ବିଜୟଲକ୍ଷ୍ମୀ ପଣ୍ଡା, ପୂର୍ବତନ ସରପଂଚ ଚି□ରଂଜନ ମହାପାତ୍ର, କୁରୁଜଙ୍ଗା ସରପଂଚ କମଳାକାନ୍ତ ଦାଶ, ଜିଲ୍ଲାପରିଷଦସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସରପଂଚ କମଳାକାନ୍ତ ରାଉତ, ଗୌତମ ଚରଣ ଜେନା, ବିଦ୍ୟୁଲତ ପ୍ରଧାନ, ସମାଜସେବୀ ପ୍ରହ୍ଲାଦ ପଣ୍ଡା, ଚି□ରଂଜନ ମହାପାତ୍ର, ସମିତିସଭ୍ୟ ଦିଲ୍ଲିପ କୁମାର ସାମଲ, ସମାଜସେବୀ ବିପିନ ବିହାରୀ ସ୍ୱାଇଁଙ୍କ ସମେତ ବହୁ ମହିଳା ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ମାହାଙ୍ଗା ବ୍ଲକର ଗୌଡପଡାଠାରେ ପଶୁ ସମ୍ପଦ ବିଭାଗ ପକ୍ଷରୁ ଗୋ ଚିକିତ୍ସା ଶିବିର ଅନୁଷ୍ଠିତ



ମାହାଙ୍ଗା ୩/୩ (ନି.ପ୍ର): ମାହାଙ୍ଗା ବ୍ଲକର ଗୌଡପଡାଠାରେ ପଶୁ ସମ୍ପଦ ବିଭାଗ ପକ୍ଷରୁ ଏକ ଗୋ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୪ ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଚିକିତ୍ସା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଗୋସମ୍ପଦ ବିଭାଗର ବିଭିଓ ଡାକ୍ତର ମିନକେତନ ପଣ୍ଡା, ଭିଏସ୍ ଡା. ରଶ୍ମିରଂଜନ ମିଶ୍ର, ଡା. ଲଳିତ ମୋହନ ବେହେରା, ଏମ୍‌ପିସିଏସ୍ ଶାରଦା ପ୍ରସାଦ ନାୟକ, ପି ଆଣ୍ଡ ଆଇ ସୁପରଭାଇଜର ଯୋଗଦେଇ ଗୋଚିକିତ୍ସା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ରାଜକୁମାର ଭୂୟାଁ, ଜୀବନ ବିଶ୍ୱାଳ, ବାଇଆ ଦାସ, ଅନୀଲ ସାହୁ ରୁଦ୍ରନାରାୟଣ ଦାସ ପ୍ରମୁଖ ସହଯୋଗ କରିଥିଲେ । ପଶୁ ସମ୍ପଦର ଏହିଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଥିଲା ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ଜାତୀୟ ବିଜ୍ଞାନ ଦିବସ ପାଳିତ



ଆଠମଲ୍ଲିକ ୩/୩ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଠମଲ୍ଲିକ ଠାରେ ' ଜାତୀୟ ବିଜ୍ଞାନ ଦିବସ ' ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ର ଅଧାପକ ବ୍ରଜଗୋପାଳ ମିଶ୍ର ବିଜ୍ଞାନ ଦିବସର ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ସଭାପତି ଆଦିତ୍ୟ କୁମାର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶିଶୁ ଙ୍କୁ ମାର୍ଗଦର୍ଶନ ଦେଇଥିଲେ । ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ ଅତିଥି ଗଣଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ସହ ବିଜ୍ଞାନ ପ୍ରମୁଖ ଆଚାର୍ଯ୍ୟା ଦୀପ୍ତିମୟୀ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ବିଜ୍ଞାନ ଦିବସ ଅବସରରେ ପ୍ରଥମ ଶ୍ରେଣୀ ର ପତ୍ର ବାଚନ ପ୍ରସଙ୍ଗ ବିଶ୍ୱ , ଦ୍ୱିତୀୟ ଶ୍ରେଣୀ ର ବୈଜ୍ଞାନିକ ଙ୍କ ଜୀବନୀ କଥନ , ତୃତୀୟ ଶ୍ରେଣୀ ର ପ୍ରଶ୍ନ ମଞ୍ଚ , ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ର ପ୍ରକଳ୍ପ ପ୍ରଦର୍ଶନ , ଷଷ୍ଠ , ସପ୍ତମ ଓ ଅଷ୍ଟମ ଶ୍ରେଣୀ ର ପତ୍ରାଚନ ଏବଂ ନବମ ଶ୍ରେଣୀ ର ବିଜ୍ଞାନ ପ୍ରୟୋଗ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ର ବିଜ୍ଞାନ ପ୍ରମୁଖ ସୁଜିତ କୁମାର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ମୋଟ ୧୮୪ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରି ପ୍ରଥମ ,ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଅଧିକାର କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

# ବାଖରାବାଦ ୟୁଥ କ୍ଲବର ଚତୁର୍ଥ ବାର୍ଷିକ ମହୋତ୍ସବ: ୭୧ୟୁନିଟ ରକ୍ତ ସଂଗୃହିତ

ବସ୍ତା,୩/୩ (ନି.ପ୍ର): ସଦର ବ୍ଲକ,ରୂପସା ଥାନା ବାଖରାବାଦ ୟୁଥ କ୍ଲବର ପକ୍ଷରୁ ଚତୁର୍ଥ ବାର୍ଷିକ ଉତ୍ସବ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି ।ୟୁଥ କ୍ଲବର ସଭାପତି ରବିନ୍ଦ୍ରକୁମାର ସେଠୀଙ୍କ ପୌରହିତ୍ୟରେ ଏକ ସଭାର ଆୟୋଜନ ହୋଇଥିଲା ।ମୂଖ୍ୟଅତିଥି ଭାବେ ଯୁବ ସମାଜସେବୀ ତଥା ପରିବେଶବିତ ସୁମନ୍ତ କୁମାର ଜେନା ସମ୍ମାନୀତ ଅତିଥି ଭାବେ ବେତନଟି ବନଖଣ୍ଡ ଅଧିକାରୀ ମନୋହର ଖାଁନ, ଯୁବନେତା ସରୋଜ କୁମାର ଲେଙ୍କା, ଯୁବ ବ୍ୟବସାୟୀ ସହଦେବ ବେହେରା, ବିଶିଷ୍ଟ ଅତିଥି ଅଧ୍ୟାପକ ଗୌରାଙ୍ଗ ଚରଣ ପଣ୍ଡା, ବାଲେଶ୍ୱର ରକ୍ତ ଭଣ୍ଡାରର ଡ: ସୁଚିସ୍ମିତା ଦାସ ଓ ଟେକନିସିଆନ ମାନେ ରକ୍ତ ପରୀକ୍ଷ କରିବା ସହିତ ରକ୍ତ ସଂଗ୍ରହରେ ସାହାର୍ଯ୍ୟ କରିଥିଲେ ।କ୍ଲବର ସଭାପତି ରବିନ୍ଦ୍ର କୁମାର ସେଠୀ ସମ୍ପାଦକ ସଞ୍ଜିବ କୁମାର



ଲେଙ୍କା କୋଷାଧକ୍ଷ ସୁମନ କୁମାର ସେନାପତି ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏମାନଙ୍କ ମହତ୍ୱ ଉଦ୍ଦେଶ୍ୟ ପାଇଁ ଅଞ୍ଚଳବାସୀ ତାଙ୍କୁ ସାଧୁବାଦ ଜଣାଇଛନ୍ତି ।

# ପଳିକିରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଧାମନଗର,୩/୩ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ପଳିକିରୀ ସରକାରୀ ଉ:ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ।ସାମ୍ବାଦିକ ଓ ସ୍ତମ୍ଭକାର ସୁଧାକର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ବ୍ଲକ ଶିକ୍ଷାଧିକାରୀ ସତ୍ୟ ସୁନ୍ଦର ପରିଡା ମୁଖ୍ୟ ଅତିଥି,ସମାଜସେବୀ ସହଦେବ ସାହୁ ବରେଣ୍ୟ ଅତିଥି, ଆଗରପଡ଼ା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପ୍ରଶିକ୍ଷକ ନିର୍ମଳ ଚନ୍ଦ୍ର ସେଠୀ ମୁଖ୍ୟବକ୍ତା ଓ ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ବରେଣ୍ୟ ବକ୍ତା ଭାବେ ଯୋଗଦେଇ ଶିକ୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଆନନ୍ଦପୁର ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି,ଶିକ୍ଷକ ନେତା ସନ୍ତୋଷ କୁମାର ଲେଙ୍କା,ଭାବଗ୍ରାହୀ ଖୁଣ୍ଟିଆ,ପୂର୍ବତନ ସରପଞ୍ଚ



ରମଣୀ ରଞ୍ଜନ ଦାଶ, ପ୍ରଫୁଲ୍ଲ କୁମାର ପାତ୍ର,ପୂର୍ବତନ ସମିତି ସଭ୍ୟ ସୁଦର୍ଶନ ମାଝୀ,ପୁରାତନ ଛାତ୍ର ବଳରାମ ଦାଶ,ପ୍ରହଲ୍ଲାଦ ବେହେରା, ଅଧିବକ୍ତା ସୁବ୍ରତ ନନ୍ଦ,ସାମ୍ବାଦିକ କୃଷ୍ଣ ଜେନା,ସେକ ଜାଫର ଅଲ୍ଲୀ,ସନ୍ତୋଷ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ଦାଶ,ଲକ୍ଷ୍ମୀଧର ଦାଶ, ମଞ୍ଚ ଓ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିବା ବେଳେ ଛାତ୍ରୀ ରାଜଶ୍ରୀ ମିଶ୍ର,ସ୍ୱାତୀସ୍ମିତା ନନ୍ଦ ଉଦଘୋଷିକା କାର୍ଯ୍ୟ ତୁଲାଇ ଥିଲେ। ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ସାହୁ ସାବଲୀଳ ସମ୍ଭାଷଣରେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନାଏବ ସରପଞ୍ଚ ଗୌରାଙ୍ଗ ଦାଶ ସଭାର ଶେଷ ସ୍ୱର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ବରେଣ୍ୟ ଅତିଥି ଶ୍ରୀ ସାହୁ ନିଜ ପକ୍ଷରୁ ଏସଏମସି ସଭାପତି ସୁଧାକର ମାଝିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର ସୂର୍ଯ୍ୟସ୍ନାତ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥଲା ।ଅଷ୍ଟମ ଶ୍ରେଣୀ ସାହିତ୍ୟ ବହିରେ ବ୍ୟାସକବି ଫକୀରମୋହନଙ୍କ ମୂଳ ଲେଖାରୁ ସଂଗୃହୀତ ତଥା ପ୍ରଧାନ ଶିକ୍ଷକ ନିରାକାର ରାଉତଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ଡାକମୁନସୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଲକ୍ଷ୍ମୀଧର ସାମଲ,ପ୍ରଶାନ୍ତ ଦାଶଙ୍କ ସଙ୍ଗୀତ ଓ ନୃତ୍ୟ ନିର୍ଦ୍ଦେଶନାରେ ମଞ୍ଚସ୍ଥ ନାଟକ ବେଶ ହୃଦୟସ୍ପର୍ଶୀ ହୋଇଥିଲା। ଅଶୋକ କୁମାର ନାୟକ, ସୁହାଙ୍ଗୀ ହେମ୍ବ୍ରମ, ଲୀଳାବତୀ ହେମ୍ବ୍ରମ, ମିନାକ୍ଷୀ ସୁତାର, ସୁଶାନ୍ତ ନାୟକ ଓ ଅତିଥି ଶିକ୍ଷକ ମାଧବାନନ୍ଦ ନାୟକ,ପରିଚାଳନା କମିଟିର ସଭ୍ୟ ସଭ୍ୟା ଓ ଅଭିଭାବକଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସରସ ସୁନ୍ଦର ହୋଇଥିଲା ।

# ମାଳିୟୁବାଙ୍ଗ ଓ ବିଜେପୁର ଠାରେ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା

ଲାଞ୍ଜିଗଡ,୩/୩ (ନି.ପ୍ର): ଲାଞ୍ଜିଗଡ଼ ବ୍ଲକ ମାଳିୟୁବାଙ୍ଗ କ୍ଲଷ୍ଟର ମାଳିୟୁବାଙ୍ଗ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ନିପୁଣ ଓଡ଼ିଶା ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ନୂତନ ଶିକ୍ଷା ପଦ୍ଧତିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ର କିଭଳି ନିଜ ଭାଷା ଏବଂ ସଂଖ୍ୟାକୁ ପ୍ରାଞ୍ଜଳ ଭାବେ ବୁଝିପାରିବେ,ଲେଖି ପାରିବେ ଏବଂ କହିପାରିବେ ତାହା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ୨୦୨୬-୨୭ ଶିକ୍ଷାବର୍ଷଠାରୁ କିଭଳି ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ପରବର୍ତ୍ତୀ ଶ୍ରେଣୀରୁ ନିଜେ ଭାଷା ଓ ସଂଖ୍ୟାଜ୍ଞାନ ଜାଣିପାରିବେ ସେଥିପାଇଁ ବର୍ତ୍ତମାନ ଠାରୁ ପିଲାଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ୧୬ ଗୋଟି ସ୍କୁଲର ୨୦୦ଶହରୁ ଉର୍ଦ୍ଧ ଛାତ୍ରୀଛାତ୍ର ସାମିଲ ହୋଇଥିଲେ । ମାଳିୟୁବାଙ୍ଗ କ୍ଲଷ୍ଟର ସଂଯୋଜକ ଘାସିରାମ ମାଝୀ ଓ ସ୍କୁଲ ପ୍ରଧାନ ଶିକ୍ଷକ ଅଣେଶ୍ୱର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ଜୋନ ୨ଜିଲ୍ଲାପରିଷଦ




ସଦସ୍ୟ ପରୀକ୍ଷିତ ନାଏକ ଯୋଗଦେଇ ଥିବା ବେଳେ ସନ୍ନମାନୀତ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଣି ଲକ୍ଷ୍ମୀପ୍ରିୟା ମୁଦୁଲି ,ପୂର୍ବତନ ସିଆ?ସିସି ପରମେଶ୍ୱର ନାଏକ, ସିନି ଟାଟାଷ୍ଟ୍ରଷ୍ଟ ସଂଯୋଜିକା ପ୍ରକାଶିନୀ ନାଗ ପ୍ରମୁଖ ମଞ୍ଚାସିନ ଥିଲେ । ସେହିପରି ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ବିଜେପୁର କ୍ଲଷ୍ଟର ସଂଯୋଜକ ଶିବରାମ ପ୍ରଧାନ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚୁମ୍ବନ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ଜୋନ ୨ ଜିଲ୍ଲାପରିଷ ସଦସ୍ୟ ପରୀକ୍ଷିତ ନାଏକ ସରପଞ୍ଚ ପ୍ରତିନିଧି ଟୀକା ମାଝୀ ପୂର୍ବତନ ସିଆରସିସି ଜଗଦିଶ ପୁଟା, ସିନି ଟାଟାଟ୍ରଷ୍ଟ ସଂଯୋଜକ ସୁମନ୍ତ ନାଏକ ସମେତ କ୍ଲଷ୍ଟରର ସମସ୍ତ ସ୍କୁଲର ଜଣେ ଲେଖାଏ ଶିକ୍ଷକ ଯୋଗଦେଇଥିବା ବେଳେ ଶିକ୍ଷକ ନକୁଳ ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପୁଲଓ୍ୱାମା ସହିଦ ହୋଇଥିବା ଯବାନଙ୍କ ପୂଣ୍ୟତିଥି ରେ ରକ୍ତଦାନ ଶିବିର

ଫୁଲବାଣୀ, ୩/୩ (ନି.ପ୍ର):କନ୍ଧମାଳ ଜିଲ୍ଲା ଫୁଲବାଣୀ ଠାରେ ଗତକାଲି ପୁଲଓ୍ୱାମା ଆତଙ୍କବାଦୀର ଆତ୍ମଘାତୀ ବିସ୍ଫୋରଣ ରେ ସହିଦ୍ ୪୦ ଜଣ ସିଆରପିଏଫ ଜବାନଙ୍କ ପୁଣ୍ୟତିଥିରେ ସହିଦ ମାନେ ଦେଶ ପାଇଁ ଦେଇଥିବା ବଳିଦାନ କୁ ସମ୍ମାନ ଜଣାଇ ଟିମ୍ ହ୍ୟୁମାନିଟି କନ୍ଧମାଳ ତରଫରୁ ଏକ ସ୍ୱେଛାକୃତ ରକ୍ତଦାନ ଶିବିର ଆୟୋଜନ କରା ଯାଇଥିଲା। ଗତକାଲି ସକାଳ ୮ଟା ରେ ଟିମ୍ ର ଆବାହାକ ଭି.ଲୋକନାଥ ରାଜୁ ଙ୍କ ନେତୃତ୍ୱରେ ଫୁଲବାଣୀ ରକ୍ତ ଭଣ୍ଡାର ଠାରେ ଟିମ୍ ର ସଦସ୍ୟ ଓ ସଦସ୍ୟା ମାନେ ଏକତ୍ରିତ ହୋଇଥିଲେ। ସେଠାରେ ପ୍ରଥମେ ସହିଦ୍ ଜବାନଙ୍କ ତୈଳଚିତ୍ର ଥିବା ଏକ ବ୍ୟାନର ଧରି ସହିଦ୍ ଜବାନ ଅମର ରହେ ନାରା ଦେଇ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ଆୟୋଜିତ ଶିବିରକୁ ମୁଖ୍ୟ ଅତିଥି ଆଦର୍ଶ ଟାଉନ ଥାନା ଅଧିକାରୀ



ସ୍ୱରୁପ କିଶାନ ଉଦଘାଟନ କରିବା ସହିତ ଟିମର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରି ଉପସ୍ଥିତ ଥିବା ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସକାଳୁ ଆରମ୍ଭ ହେଇଥିବା ଏହି ଶିବିରରେ ମୁଖ୍ୟ ଅତିଥିଙ୍କ ସହ ଏସ ଆଇ ସରୋଜ କୁମାର ସାହୁ, ଡିଏଫଓ ପ୍ରଶାନ୍ତ ପଟେଲ୍, ରେଞ୍ଜର ଶିବାନନ୍ଦ ଲେଙ୍କା,ଜିଲ୍ଲା ମୁଖ୍ୟ ଚିକତ୍ସା ଅଧିକାରୀ ସନ୍ତୋଷ ପାଢ଼ୀ,ଡିପିଏମ୍, ଡିଏମ୍ଆରସି, ନର୍ସିଂ ଅଫିସର, ମନୋଜ ପଣ୍ଡା ଙ୍କ ମୁଖ୍ୟ ଚିକତ୍ସାଳୟ ର ସମସ୍ତ ଡାକ୍ତର ସହ ରକ୍ତଦାତା ସମିତିର ସଦସ୍ୟ ତଥା ରକ୍ତ ଭଣ୍ଡାରର ଅଧିକାରୀ ଜୟଦୀପ ଘୋଷ ତଥା ରକ୍ତ ଭଣ୍ଡାରର ସମସ୍ତ କର୍ମଚାରୀ, ବିଏସସି ନର୍ସିଂ କଲେଜ ଛାତ୍ରୀ, ସରକାରୀ ଆଇଟିଆଇ ଛାତ୍ର, ସରକାରି ସ୍ୱୟଂଶାସିତ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡଃ.ଅଭିପ୍ସା ପଲ୍ ଏବଂ ୟୁଥ ରେଡ୍ କ୍ରସର ଛାତ୍ରୀ ଏବଂ ମିତ୍ର ଫାଉଣ୍ଡେସନ ର ସଦସ୍ୟ ଓ ସଦସ୍ୟା ଉପସ୍ଥିତ ରହି ରକ୍ତଦାନ କରିବା ସହ ବିଭିନ୍ନ ରକ୍ତଦାତାଙ୍କୁ ଉତ୍ସାହିତ କରି ସହଯୋଗ କରିଥିଲେ। ଏହି ରକ୍ତଦାନ ଶିବିରରେ ଟିମ୍ ହ୍ୟୁମାନିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସୁଚାରୁ ରୁପେ ସଫଳ ଭାବେ ତୁଲେଇବା ସହିତ ସମସ୍ତେ ରକ୍ତଦାନ କରି ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ଏହି ଶିବିରରେ ମୋଟ ୧୨୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଟିମ୍ ଆବାହକ ହ୍ୟୁମାନିଟିର ଭି.ଲୋକନାଥ ରାଜୁ ଏବଂ ଟିମର ସଦସ୍ୟ ସଦସ୍ୟା ମାନଙ୍କର ଏହି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବି ଓ ଜିଲ୍ଲା ବାସୀ ଜିଲ୍ଲା ମହଲରେ ପ୍ରଶଂସା କରାଯାଇଥିବା ଦେଖିବାକୁ ମିଳିଛି।

# ଚିକିଟୀ ବ୍ଲକରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ




ଚିକିଟୀ, ୩/୩ (ନି.ପ୍ର): ରାଜ୍ୟ ମହିଳା କମିଶନ ଏବଂ ସାମାଜିକ ମଙ୍ଗଳ ଅଧିକାରୀ ଗଞ୍ଜାମ ଆନୁକୂଲ୍ୟରେ ଚିକିଟୀ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ଗୁରୁବାର ଚିକିଟୀ ଗଡ଼ କଲ୍ୟାଣ ମଣ୍ଡପ ଠାରେ ବ୍ଲକ ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା ।ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିକିଟୀ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାର,ବାଲ୍ୟ ବିବାହ,ମହିଳା ସୁରକ୍ଷା ଆଇନ ଓ ମହିଳା ମାନଙ୍କ ନିମନ୍ତେ ବିଭିନ୍ନ ଯୋଜନା ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀଣୀ ଡି ନାଗରତ୍ନମ, ବିଡ଼ିଓ ଲକ୍ଷ୍ମଣ ଚରଣ ସୋରେନ, ଅତିରିକ୍ତ ତହସିଲଦାର ସୁଶ୍ରୀ ଶାଶ୍ୱତୀ ଷଡ଼ଙ୍ଗୀ,ଏବିଇଓ ନିଗମାନନ୍ଦ ପଣ୍ଡା ଓ୍ୱାନ ଷ୍ଟେପ ସେଣ୍ଟର ସଭ୍ୟା ଐଶ୍ୱର୍ଯ୍ୟା ସାହୁ ଏବଂ ବି ସୁନନ୍ଦା, ବିଷୟ ବିଶେଷଜ୍ଞ ଅବସରପ୍ରାପ୍ତ ଅଧକ୍ଷ ଡ଼ଃ. ଗୋବିନ୍ଦ ରାଓ ଏବଂ ଏଡେଷ୍ଟ ସୋସିଆଲ ଅଧିକାରୀ ପ୍ରକଳ୍ପ ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା ଆଇନ ସଚେତନତା କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଭାବେ ତାଲିମ ଦେଇ ଉପସ୍ଥିତ ମହିଳା ମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ରଞ୍ଜନ କୁମାର ବ୍ରହ୍ମା ସଂଯୋଜନା କରିଥିବା ବେଳେ କର୍ମଚାରୀ ଅନୁପ କୁମାର ପାଣିଗ୍ରାହୀ, ମନ୍ମଥ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମୋ ସ୍କୁଲ ଘୋଟାଲାର ଫିଟିଲା ଗୁମର: ୫କୁ ୫୦ କରି ହରଡଘଣାରେ ପ୍ରଧାନ ଗୁରୁ

ବୌଦ୍ଧ, ୩/୩ (ନି.ପ୍ର): ସରକାର ସରକାରୀ ସ୍କୁଲ ର ଉର୍ଣ୍ଣତିକରଣ ପାଇଁ ବ୍ୟାପକ ଯୋଜନା ହାତକୁ ନେଇଛନ୍ତି । ସେଥିମଧ୍ୟରୁ ମୋ ସ୍କୁଲ ଯୋଜନା ହେଉଛି ଅନ୍ୟତମ । ଯେଉଁଥିରେ ସ୍କୁଲ ର ପୁରାତନ ଛାତ୍ରଛାତ୍ରୀ ଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲା ଯାଇ ଥାଏ । ଯେଉଁଥିରେ ବିଦ୍ୟାଳୟ ର ଉର୍ଣ୍ଣତିକରଣ ନିମନ୍ତେ ସ୍କୁଲର ପ୍ରଧାନ ଶିକ୍ଷକ, ମୋ ସ୍କୁଲ ସଭାପତି ଓ ସଦସ୍ୟମାନଙ୍କ ମଧ୍ୟରେ ଏକ ବୈଠକ କରାଯାଇ ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଥାଏ । ପରେ ତାହାକୁ ରିଜେଲୁସନ କରିଯାଏ । ଏହି ଉର୍ଣ୍ଣତିକରଣ କାର୍ଯ୍ୟ କରିବା ପାଇଁ ପୁରାତନ ଛାତ୍ରଛାତ୍ରୀ ମାନେ ମୋ ସ୍କୁଲ କମିଟି ଜରିଆରେ ଯଥା ସମ୍ଭବ କିଛି କିଛି ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି । ଏହି ମୋଟ ଅର୍ଥ କୁ ନେଇ ପ୍ରଧାନ ଶିକ୍ଷକ ମୋ ସ୍କୁଲ କମିଟି ବ୍ୟାଙ୍କ ଖାତା ରେ ଜମା କରିଥାନ୍ତି । ପରେ ଜମା ହୋଇଥିବା ଅର୍ଥ ଦୁଇଗୁଣା ଅର୍ଥ ରାଜ୍ୟ ସରକାର ପ୍ରଦାନ କରିଥାନ୍ତି । ଅର୍ଥ ଜମା ହେବା ପରେ କମିଟି ରିଜେଲୁସନ କରି ପ୍ରଧାନ ଶିକ୍ଷକ ଓ ସଭାପତି ମିଶି ଟଙ୍କା ଉଠାଣ କରି ମୋ ସ୍କୁଲ ର ଉର୍ଣ୍ଣତିକରଣ କାର୍ଯ୍ୟ କରିଥାନ୍ତି । କିନ୍ତୁ ଏବେ କିଛି ଅସାଧୁ ଗୁରୁ ଙ୍କ ପାଇଁ ଏହି ମୋ ସ୍କୁଲ ଯୋଜନା ପାଲଟିଛି ସୁନା ଅଣ୍ଡା ଦିଆ କୁକୁଡ଼ା । ଏବେ ବୌଦ୍ଧ ଜିଲ୍ଲାର ମୋ ସ୍କୁଲ ଯୋଜନାରେ ହୋଇଛି ଅର୍ଥ ଚଞ୍ଚକତା । ଘଟଣା ପଦାକୁ ଆସିବା ପରେ ତଦନ୍ତ ପାଇଁ ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ଦେଲେ ନିର୍ଦ୍ଦେଶ । ତଦନ୍ତ ନିର୍ଦ୍ଦେଶ ପରେ ଏବେ ସମସ୍ତ ଗୁମର ଖୋଲିଯିବା ଭୟରେ ସ୍କୁଲ ଛାଡି ପଳାଇଲେ ଗୁରୁ । ସୂଚନାମୁତାବକ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ମୋ ସ୍କୁଲ ଯୋଜନାରେ ଏକ ବଡଧରଣର ଘୋଟାଲା ସାମନାକୁ ଆସିଛି । ୫ହଜାର ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ସ୍ଲିପ କୁ ଚଞ୍ଚକତା କରି ୫୦ହଜାର ଟଙ୍କା ଡିପୋଜିଟ ସ୍ଲିପ ଦର୍ଶାଇ ଏକାଉଂଟରୁ ଏକ ଲକ୍ଷ ଟଙ୍କା ଆତ୍ମସାତ କରାଯିବା ଭଳି ଏକ ସାଂଘାତିକ ଦୁର୍ନୀତି ସାମନାକୁ ଆସିଛି । ଏଭଳି ଏକ ଘଟଣା ହରଭଙ୍ଗା ବ୍ଲକ ଚାରିଛକ ସ୍ଥିତ ସରକରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି । ଚାରିଛକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋ ସ୍କୁଲ ବ୍ୟାଙ୍କ ଜମାଖାତାରେ ଗତ ୧୬ ଫେବୃୟାରୀ ୨୦୨୪ ମସିହାରେ ୫ହଜାର ଏବଂ ୧୨ ହଜାର ଟଙ୍କା ଜମା କରିଥିଲେ । ଏହି ୫ହଜାର ଡିପୋଜିଟ ସ୍ଲିପକୁ ଡଚଂକତା କରି ୫୦ହଜାର ଟଙ୍କାର ଡିପୋଜିଟ ସ୍ଲିପ ଦର୍ଶାଇ ମୋ-ସ୍କୁଲ ଯୋଜନା ବିଭାଗକୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରୀଆରେ ଅର୍ଥ ଅନୁମୋଦନ ପାଇଁ ପଠାଯାଇଥିଲା । ଏହା ପରେ ଗତ ୧୪ ମାର୍ଚ୍ଚ ୨୦୨୪ମସିହା ରେ ଉକ୍ତ ବ୍ୟାଙ୍କ ଜମାଖାତାକୁ ମୋ-ସ୍କୁଲ ବିଭାଗର ଏକ ଲକ୍ଷ ଟଙ୍କା ଅନୁଦାନ ରାଶି ଆସିଥିଲା ।ଏହା ପରେ ମୋ ସ୍କୁଲ ବ୍ୟାଙ୍କ ଜମାଖାତାରୁ ୨୦ ଫେବୃୟାରୀ ୨୪ରେ ଚେକ ନମ୍ବର-୮୦୫୭୨୦ରେ ୭ହଜାର୫୮୦ଟଙ୍କା ଶୁଭଲକ୍ଷ୍ମୀ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା । ୨୦ ଏପ୍ରିଲ ୨୦୨୪ରେ ଚେକ ନମ୍ବର-୮୦୫୭୨୧ ଜରୀଆରେ ପ୍ରଧାନ ଶିକ୍ଷକଙ୍କ ପତ୍ନୀ ଅନିତା ରଣା ୨୫ହଜାର ଟଙ୍କା ଉଠାଣ କରିଥିବା ଦେଖିବାକୁ ମିଳିଛି । ଗତ ୨୬ଏପ୍ରିଲ ୨୦୨୪ ତାରିଖରେ ଚେକ ନମ୍ବର-୮୦୫୭୨୨ରେ ୧୨ହଜାରଟଙ୍କା ଚନ୍ଦନ ପ୍ରସାଦ ସେନାପତି ,୩୦ଏପ୍ରିଲ ୨୦୨୪ରେ ଚେକ ନମ୍ବର-୮୦୫୭୨୪ରେ ୪୪ହଜାର ଟଙ୍କା ଅଂଶୁମାନ ରାୟ ,୦୫ମଇ ୨୦୨୪ ତାରିଖରେ ଚେକ ନମ୍ବର-୮୦୫୭୨୩ ରେ ଅନିତା ରଣାଙ୍କୁ ୫ହଜାର ଟଙ୍କା ,୨୭ମଇ ୨୦୨୪ରେ ଚେକ ନମ୍ବର-୮୦୫୭୨୫ରେ ଶୁଭଲକ୍ଷ୍ମୀ ମହାପାତ୍ରଙ୍କୁ ୪ହଜାର ୭ଶହ ଟଙ୍କା,୧୨ଜୁନ ୨୦୨୪ରେ ଚେକ ନମ୍ବର-୮୦୫୭୨୬ରେ ଅଭିଷେକ ରଣାଙ୍କୁ ୪ହଜାର୭ଶହ ଟଙ୍କା ,୨୫ଜୁନ୍ ୨୦୨୪ରେ ଚେକ ନମ୍ବର




୮୦୫୭୨୨ରେ ଚାରିଛକ ଏମ.ଇ ସ୍କୁଲକୁ ୦୮ହଜାର୭୬୦ ଟଙ୍କା ଏବଂ ୧୫ ଜୁଲାଇ ୨୦୨୪ରେ ଚେକ ନମ୍ବର-୮୦୫୭୩୨ରେ ଶୁଭଲକ୍ଷ୍ମୀ ମହାପାତ୍ରଙ୍କୁ ୮ହଜାର ୧ଶହ ଟଙ୍କା ପ୍ରଦାନ କରାଯାଇଥିବା ବ୍ୟାଙ୍କ ଷ୍ଟେଟମେଂଟରୁ ଜଣାପଡିଛି । ସମୁଦାୟ ୦୯ଥର ମୋ-ସ୍କୁଲ ବ୍ୟାଙ୍କ ଜମା ଖାତାରୁ ଟଙ୍କା ଉଠାଣ ହୋଇଥିବା ବେଳେ ପ୍ରଧାନଶିକ୍ଷକଙ୍କ ନିଜ ସମ୍ପର୍କୀୟ ପତ୍ନୀ ଏବଂ ପୁଅଙ୍କ ନାଁରେ ୩ଥର ଚେକ ପ୍ରଦାନ କରି ୩୪ହଜାର ୭ ଶହ ଟଙ୍କା ଉଠାଣ କରିଥିବା ଦେଖିବାକୁ ମିଳିଛି । ଏହା ସହିତ ମୋ ସ୍କୁଲ ଜମାଖାତାରେ ଗୋଟିଏ ଥର ବି ୫୦ହଜାର ଟଙ୍କା ଜମା ହୋଇନଥିବା ବ୍ୟାଙ୍କ ଷ୍ଟେଟମେଂଟ ଏବଂ କତୃପକ୍ଷ ସ୍ପଷ୍ଟ କରିଛନ୍ତି । ମାତ୍ର କିଭଳି ଚାରିଛକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋ-ସ୍କୁଲ ବ୍ୟାଙ୍କ ଜମାଖାତାକୁ ଏକ ଲକ୍ଷଟଙ୍କା ଆସିଲା ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଗୋଟିଏ ସ୍କୁଲ ଜମାଖାତାରୁ କିପରି ପ୍ରଧାନଶିକ୍ଷକ ନିଜ ପତ୍ନୀ ଏବଂ ପୁଅ ନାଁରେ ତିନିଥର ଚେକ ଜରୀଆରେ ଟଙ୍କା ଉଠାଣ ରହସ୍ୟକୁ ଲକ୍ଷ୍ୟକଲେ ଯା ପଛରେ ବଡ ଦୁର୍ନୀତିର ଗନ୍ଧବାରି ହୋଇପଡୁଛି । ଅନ୍ୟପଟେ ଘଟଣା କୁ ନେଇ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ଅଖିଳ କୁମାର ପ୍ରଧାନ ଙ୍କୁ ପଚାରିବାରୁ ଘଟଣା ର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯଥାଶୀଘ୍ର ତଦନ୍ତ କରାଯିବ । ଏ ଗୋଟିଏ ଘଟଣା ନୁହେଁ ଅନେକ ସ୍କୁଲ ଓ ହାଇସ୍କୁଲରେ ଏଭଳି ଘୋଟଲା ହୋଇଛି ବୋଲି ସେ କହିଛନ୍ତି ।

# ଲାଞ୍ଜିଗଡ ଅଞ୍ଚଳ ପାଇଁ କାଳ ସାଜିଛି ବେଦାନ୍ତ ରେଳ ଲାଇନ


## ଟ୍ରାକ୍ଟରକୁ ଧକ୍କାଦେଲା ବେଦାନ୍ତ ମାଲବାହି ଟ୍ରେନ: ଅଳ୍ପକେ ବର୍ତିଲେ ଡ୍ରାଇଭର

ଲାଞ୍ଜିଗଡ ୩/୩ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବେଦାନ୍ତ ରେଳ ଲାଇନରେ ବେଦାନ୍ତ କମ୍ପାନୀର ବକ୍ସାଇଟ ପାଉଡର ବୋଝେଇ ମାଲବାହି ଟ୍ରେନର ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଥିବାବେଳେ ଏହି ଦୁର୍ଘଟଣାରେ ଅନେକ ଲୋକଙ୍କ ଜୀବନ ଯାଇଛି । ଆଉ କିଏ ପଙ୍ଗୁ ହୋଇ ଘରେ ବସିଛି ଏହିଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି ଲାଞ୍ଜିଗଡ ଥାନା ଅନ୍ତର୍ଗତ ଯୋଡ଼ାବନ୍ଧରୁ ଗୋପୀନାଥ ପୁରକୁ ସଂଯୋଗ କରୁଥିବା ରେଲୱେ କ୍ରସିଂଙ୍ଗ ରେ । ସୂଚନା ଅନୁସାରେ ଆଜି ସକାଳୁ ଗୋପୀନାଥପୁର ଗାଁର କ୍ଷେତ୍ର ପ୍ରଧାନୀ ଙ୍କ ଟ୍ରାକ୍ଟର ଧାନ ଆଣିବାପାଇଁ ଚମ୍ପାଦେଇପୁରକୁ ଆସୁଥିବା ସମୟରେ ରେଲୱେ କ୍ରସିଂଙ୍ଗରେ ହଟାତ ବେଦାନ୍ତ କମ୍ପାନୀର ମାଲବାହି ଟ୍ରେନ ଟ୍ରାକ୍ଟର କୁ ଧକ୍କା ଦେଇଥିଲା,ଗାଡି ଡ୍ରାଇଭର ୨୦ ଫୁଟ ଦୁରକୁ ଛିଟିକି ପଡ଼ିଥିଲେ ହେଲେ ଅଳ୍ପକେ ବର୍ତ୍ତିଯାଇଥିଲେ ।

ଘଟଣା ସ୍ଥଳକୁ ରେଲୱେ ପୁଲିସ ଆସି ତଦନ୍ତ କରିଥିବା ଜଣାପଡିଛି । ଦୀର୍ଘ ୧୪ ବର୍ଷ ହେଲା ଏହି କ୍ରସିଂଙ୍ଗରେ ଓଭର ବ୍ରିଜ ନିର୍ମାଣ କରିବାପାଇଁ ଅଞ୍ଚଳବାସୀ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ ଦାବି କରିଛନ୍ତି ଓ ଅନେକ ଥର ମାଳବାହି ଟ୍ରେନକୁ ଅଟକାଇ ଧାରଣା ଦେଇଛନ୍ତି । ଏମିତିକି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ବାରମ୍ବାର ଅଭିଯୋଗ କରିଛନ୍ତି ହେଲେ କେହି ମଧ୍ୟ ଦୃଷ୍ଟି ଦେଉନାହାନ୍ତି । ଦେଖ ଶୁଣ ଚୁପ ରୁହ ନୀତି ଅବଲମ୍ବନ କରୁଛନ୍ତି ଜିଲ୍ଲା ପ୍ରଶାସନ ଓ ବେଦାନ୍ତ କର୍ତ୍ତୃପକ୍ଷ । ଏପଟେ ଗୋଟିଏ ପରେ ଗୋଟିଏ ଦୁର୍ଘଟଣା ଘଟିଚାଲିଛି ହେଲେ କାହାର ଫିକର ନାହିଁ । ଏପଟେ ଦୁର୍ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି ଯେହେତୁ ପ୍ରତିଦିନ ଅନେକ ସ୍କୁଲ, କଲେଜ ଛାତ୍ର ଛାତ୍ରୀ ଯିବା ଆସିବା କରୁଛନ୍ତି ଏହି କ୍ରସିଂଙ୍ଗରେ ଫାଟକ ମଧ୍ୟ ନାହିଁ ସେତିପାଇଁ ସଦାବେଳେ ଭୟର ବାତାବରଣ ଦେଖାଦେଉଛି । ଏପଟେ ଘଟଣା ସ୍ଥଳକୁ ବେଦାନ୍ତ କର୍ମଚାରୀ ଆସି ଲୋକଙ୍କ ସହ ଆଲୋଚନା କରୁଥିବାବେଳେ ଲୋକେ କ୍ଷ୍ୟତି ପୂରଣ ଦାବି କରିବା ସହ ଓଭର ବ୍ରିଜ ଯଥାଶୀଘ୍ର ନିର୍ମାଣ କରିବାପାଇଁ ଦାବି ରଖିଛନ୍ତି ହେଲେ ସୂଚନା ଥାଉ କି ଯେତେବେଳେ ଦୁର୍ଘଟଣା ହୁଏ ବେଦାନ୍ତ କର୍ତ୍ତୃପକ୍ଷ ଆସି କେବଳ ପ୍ରତିଶୃତି ଦେଇ ଚାଲିଯାନ୍ତି ହେଲେ ବର୍ଷ ପରେ ବର୍ଷ ବିତି ଯାଉଥିଲେ ହେଁ ଦେଇଥିବା ପ୍ରତିଶୃତି କୁ ପୂରଣ କରି ନାହାନ୍ତି ।

# ରୂପସା ମହୋତ୍ସବର ତୃତୀୟ ସଂଧ୍ୟା: ମା ମାଟି ମମତା ବନ୍ଧନର ମହୋତ୍ସବ

ରୂପସା, ୩/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ରୂପସା ସ୍ଥିତ ପୋଡ଼ାଡିହା ମହୋତ୍ସବ ପଡ଼ିଆରେ ଷ୍ଟାର କ୍ଲବ ଆନୁକୂଲ୍ୟରେ ୧୪ ତମ ରୂପସା ମହୋତ୍ସବ ତାର ତୃତୀୟ ସନ୍ଧ୍ୟା ଆୟୋଜିତ ହୋଇଯାଇଛି ।ଉତ୍ସବର ତୃତୀୟ ସନ୍ଧ୍ୟାରେ ମହୋତ୍ସବ କମିଟିର ବରିଷ୍ଠ ଉପଦେଷ୍ଟା ଶ୍ରୀଯୁକ୍ତ ଯୋଗେଶ ଚନ୍ଦ୍ର ବେହେରା ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଅତିଥି ଧ୍ୱନି ପ୍ରତିଧ୍ୱନି ର ସମ୍ପାଦକ ସୃଷ୍ଟିଧର ପରିଡ଼ା , ବରେଣ୍ୟ ଅତିଥି ସମ୍ପାଦକ ବ୍ରିଟ ପଲିକଟେନିସ, ଯୁବ ସମାଜସେବୀ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ମିଶ୍ର, ମୁଖ୍ୟବକ୍ତା ସୁବର୍ଣ୍ଣ ଶ୍ରୀ ପ୍ରକାଶୋନି ର ପ୍ରତିଷ୍ଠାତା ତଥା ଓଡ଼ିଶା ସାହିତ୍ୟ ଏକାଡେମି ର ସଦସ୍ୟ କବି କାଳୀପଦ ପଣ୍ଡା ଉପସ୍ଥିତ ରହି ନିଜ ଅଭିଭାଷଣ ରଖିଥିଲେ ଏ ମହୋତ୍ସବ ରୂପସାର କଳା ଶିକ୍ଷା , ସାହିତ୍ୟ ଓ ସଂସ୍କୃତିର ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରିବ । ମହୋତ୍ସବ କମିଟି ର ସଭାପତି ରବିନ୍ଦ୍ର ପଣ୍ଡା ସମ୍ପାଦକ ଚନ୍ଦନ କୁମାର ଜେନା, କୋଷାଧ୍ୟକ୍ଷ ଦିପକ କୁମାର ସାମଲ, ସମସ୍ତ କର୍ମକର୍ତ୍ତା , ଷ୍ଟାର୍ କ୍ଲବର ସଦସ୍ୟ ଆଲୋକ ବେହେରା , ଜୟନ୍ତ ସେନାପତି , ଯୋତ୍ୟିପ୍ରକାସ ଜେନା , ଆକାଶ ବେହେରା,




ଘନସ୍ୟକ୍ଷମ ସେନାପତି, ମହନ ବର୍ , ଅଜିତ ଦଳାଇ, ଅରୁଣ ବେହେରା , ବିଯେଶ ପରିଡ଼ା, ରାକେଶ ପରିଡ଼ା , ଜୁଲୁ ସେନାପତି ଙ୍କ ସହ ସମସ୍ତ ସଦସ୍ୟ ଓ ଉପଦେଷ୍ଟା ସହଯୋଗ କରିଥିଲେ। କମିଟି ର ସଦସ୍ୟ ଚିତ୍ତରଞ୍ଜନ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ । ସଭା କାର୍ଯ୍ୟ ପ୍ରରମ୍ଭରୁ ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦ ପାଠ କରିଥିଲେ ।ମହୋତ୍ସବରେ ବିଭିନ୍ନ ପ୍ରକାରର ଷ୍ଟଲ ସାଙ୍ଗକୁ ଜଗନ୍ନାଥଙ୍କ ୩୨ବେଶ ଦର୍ଶକ ଶ୍ରଦ୍ଧାଳୁଙ୍କ ମନ ମୋହିତ କରିଥିଲା। ରୂପସା ଓ ବସ୍ତା ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା । ତାହାରପୁର ଗ୍ରାମ ର କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ